# ୩ ଫୁଟର ନାଗ ଉଦ୍ଧାର



ସୋର, ୬।୬(ସମିସ): ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମର ମାଛୁଆ ସିଂଙ୍କ ଘରୁ ଏକ ନାଗ ସାପ ଉଦ୍ଧାର କରାଯାଇଛି। ଆଜି ଅପରାହ୍ଣରେ ସାପଟିକୁ ଦେଖି ପରିବାର ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଚାଲିଆସିଥିଲେ। ଏ ବାବଦରେ ସ୍ଥାନୀୟ ଯୁବକ ତଥା ସାପ ଧରାଳି ସାଗର ସିଂଙ୍କୁ ଖବର ଦେଇଥିଲେ। ଖବରପାଇ ସାଗର ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଘର ଭିତରୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଦେବଗିରି ପାହାଡ ପାଦଦେଶ ଜଙ୍ଗଲରେ ଛାଡିଥିବା ଜଣାପଡ଼ିଛି। ସାପଟିର ଲମ୍ବ ୩ ଫୁଟ ହେବ ବୋଲି ଶ୍ରୀ ସିଂ ସୂଚନା ଦେଇଛନ୍ତି।

## ସାବିତ୍ରୀ ବ୍ରତ ପୂଜାକୁ ନେଇ ତୁମୁଳକାଣ୍ଡ

# ପୂଜକଙ୍କୁ ନେଇ ଗୋଷ୍ଠୀ ସଂଘର୍ଷ, ପୁଲିସ ମୁତୟନ

ଜଳେଶ୍ୱର ବ୍ଲକ, ୬।୬ (ସମିସ):

ଜଳେଶ୍ୱର ଥାନା ଅନ୍ତର୍ଗତ ଶିଖରପୁର ଗ୍ରାମ ପଞ୍ଚାୟତର ମହୁଲିଆ ଗ୍ରାମରେ ସାବିତ୍ରୀ ବ୍ରତ ପୂଜାକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଥିବା ବେଳେ ଘାଟଣା ସ୍ଥଳରେ ଜଳେଶ୍ୱର ପୋଲିସ ମୁତୟନ। ସୂଚନା ଅନୁସାରେ ମହୁଲିଆ ଗ୍ରାମରେ ଥିବା ବାଲୁଙ୍କେଶ୍ୱର ମହାଦେବ ମନ୍ଦିରରେ ଗ୍ରାମବାସୀଙ୍କ ଦ୍ୱାରା ପୂଜକ ଭାବେ ନିଯୁକ୍ତ ଥାଇ ଅମର୍ଦ୍ଦାରୋଡର ପରମେଶ୍ୱର ମିଶ୍ର ଦୀର୍ଘ ଦିନରୁ ଗ୍ରାମର ସମସ୍ତ ପୂଜାର୍ଚ୍ଚନା କରି ଆସୁଛନ୍ତି। ତେବେ ଗୁରୁବାର ସାବିତ୍ରୀ ଅମାବାସ୍ୟା ପାଇଁ ସକାଳ ସମୟରେ ଗ୍ରାମର କିଛି ମହିଳା ମନ୍ଦିରକୁ ପୂଜା କରିବାକୁ ଆସିଥିବା ବେଳେ ଗ୍ରାମର



ଅନ୍ୟ କେତେକ ମହିଳା ମନ୍ଦିର ସମ୍ମୁଖରେ ଥିବା ବରଗଛ ମୂଳରେ ପୂଜା କରିବାକୁ ବ୍ରହ୍ମପୁରା ଗ୍ରାମର ସୌରଭ କୁମାର ରଥଙ୍କୁ ଡକାଇଥିଲେ। ହେଲେ ମନ୍ଦିରରେ ପୂଜା କରୁଥିବା ମହିଳାମାନେ ଉକ୍ତ ମହିଳା ମାନଙ୍କୁ ଡାକିଥିଲେ ଏବଂ ଗୋଟିଏ ସ୍ଥାନରେ ପୂଜା କରିବାକୁ କହିଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗି ରହିଥିବା ବେଳେ ଗ୍ରାମର କେତେକ ପୁରୁଷ ଲୋକ ଘଟଣା ସ୍ଥଳରେ ପହଞ୍ଚିବା ପରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା ଏବଂ ଗୋଷ୍ଠୀ ସଂଘର୍ଷର ରୂପ ନେଇଥିଲା। ଘଟଣା ସ୍ଥଳରେ ଜଳେଶ୍ୱରର ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ସହ ଅନ୍ୟାନ୍ୟ ପୁଲିସ ଅଧିକାରୀ ମାନେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରି ଅସଫଳ ହେବା ପରେ ଆଇଆଇସି ରଞ୍ଜନ କୁମାର ସେଠୀ ଅଧିକ ଫୋର୍ସ ମୁତୟନ କରିଥିଲେ ଏବଂ ଶାନ୍ତିପୂର୍ଣ୍ଣ ଭାବରେ ଉଭୟ ଗୋଷ୍ଠୀ ଉଭୟଙ୍କ ସ୍ଥାନରେ ପୂଜାର୍ଚ୍ଚନା କରିଥିବା ଜଣାପଡ଼ିଛି।

## କାଳବୈଶାଖୀରେ ଉପୁଡ଼ିଲା ଗଛ; ଭାଙ୍ଗିଲା ଘର

# ଅଳ୍ପକେ ବର୍ତ୍ତିଲେ ପଥଚାରୀ; ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ



ବାରିପଦା, ୬।୬(ସମିସ): ଅସହ୍ୟ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳିରେ ଲୋକେ ହନ୍ତସନ୍ତ ହେଉଥିବାବେଳେ କାଳବୈଶାଖୀ ବର୍ଷା ଆଶ୍ୱସ୍ତି ଆଣିଛି। ବର୍ଷା ହେବା ଫଳରେ ବାରିପଦା ସହରରେ ଅସହ୍ୟ ଗ୍ରୀଷ୍ମ ପ୍ରବାହର ମାତ୍ରା କମିଛି। ଗୁରୁବାର ତାପମାତ୍ରାର ପାରଦ ଅନେକ ନିମ୍ନଗାମୀ ହୋଇଛି। ଚଳିତବର୍ଷ ବାରମ୍ବାର ବାରିପଦା ରାଜ୍ୟର ସବୁଠୁ ଉତ୍ତପ୍ତ ସହର ହୋଇସାରିଥିବା ବେଳେ କାଳ ବୈଶାଖୀ ବୃଷ୍ଟିପାତ ଆଶ୍ୱସ୍ତି ଆଣିଛି। କାଳବୈଶାଖୀ ବର୍ଷାରେ ବାରିପଦା ସମେତ ଜିଲ୍ଲାର ଅନ୍ୟାନ୍ୟ ସ୍ଥାନ ବୃଷ୍ଟିପାତରେ ଭିଜିଛି। କାଳ ବୈଶାଖୀ ପ୍ରଭାବରେ ଜୋରରେ ପବନ ବୋହିବାରୁ ବାଘରାରୋଡ ଅଞ୍ଚଳରେ ଏକ ପୁରୁଣା ବଡ଼ ଗଛ ଭାଙ୍ଗି ରାଜ୍ୟ ରାଜପଥ ଉପରେ ପଡ଼ିଥିଲେ। ତେବେ ଭାଗ୍ୟବଶତଃ ରାସ୍ତାରେ ପଥଚାରୀ କେହି ନ ଥିବାରୁ ଅଳ୍ପକେ ଅଘଟଣରୁ ବର୍ତ୍ତି ଯାଇଛନ୍ତି। ଗଛ ଭାଙ୍ଗିବାରୁ ୩୩ କେଭି ବିଦ୍ୟୁତ ତାର ଉପରେ ପଡ଼ି ଛିଣ୍ଡି ଯାଇଥିଲା। ଫଳରେ ଘଣ୍ଟା ଘଣ୍ଟା ଧରି ବାରିପଦା ସହରରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଥିଲା। ମୁଖ୍ୟ ରାସ୍ତା ଉପରେ ଗଛ ପଡ଼ିବାରୁ ଯାତାୟାତ ମଧ୍ୟ ବନ୍ଦ ହୋଇଯାଇଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ରାସ୍ତା ଉପରୁ ଗଛ କାଟିବା ସଫା କରିବା ପରେ ଗାଡି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। କିଛି ଦିନର ପ୍ରଚଣ୍ଡ ଖରା ପରେ ଆଜିର ବର୍ଷା ଗରମରୁ ତ୍ରାହି ଦେଇଛି। ତେବେ ଗତ କିଛି ଦିନ ହେବ ତାପମାତ୍ରାର ପାରଦ ଉପରମୁହାଁ ହୋଇଛି। ଫଳରେ ପ୍ରଚଣ୍ଡ ତାତି ସାଙ୍ଗକୁ ଝାଞ୍ଜି, ଗରମ, ଗୁଳୁଗୁଳି ଜାରି ରହିଥିଲା। ଜିଲ୍ଲାବ୍ୟାପୀ ପ୍ରଚଣ୍ଡ ଗରମରେ ଲୋକଙ୍କ ଜୀବନ ଦୁର୍ବିସହ ହୋଇ ପଡ଼ିଥିଲା। ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ ଅନୁଯାୟୀ ଜିଲ୍ଲାରେ କାଳ ବୈଶାଖୀ ବୃଷ୍ଟିପାତ ହେବାର ଆଗକୁ ମଧ୍ୟ ସମ୍ଭାବନା ରହିଛି। ସେହିପରି ଷ୍ଟେସନ ବଜାର ଅଞ୍ଚଳରେ ମଧ୍ୟ ଗଛ ଉପୁଡି ରାସ୍ତା ଅବରୋଧ ହୋଇଛି। ଗଛ ଉପୁଡିବା ଫଳରେ ଲୋକଙ୍କ ଘରେ ଉପରେ ପଡ଼ି ବ୍ୟାପକ କ୍ଷତି ହୋଇଛି। ଗଛ ଉପୁଡି ତାର ଉପରେ ପଡ଼ିବାରୁ ବିଦ୍ୟୁତ ସରବରାହ ବ୍ୟାହତ ହୋଇଥିଲା।

# ଫ୍ରାନ୍ସ ଯିବେ ସନ୍ଧ୍ୟାରାଣୀ ଟୁଡୁ



ବାରିପଦା, ୬।୬(ସମିସ): ଜାତୀୟ ଓ ଅନ୍ତର୍ଜାତୀୟ ରଗ୍‌ବୀ କ୍ରୀଡାରେ ମୟୂରଭଞ୍ଜ ଜିଲ୍ଲାର ଖେଳାଳି ବାରମ୍ବାର ଚୟନ ହେଉଛନ୍ତି। ଏବେ ପୁଣି ମୟୂରଭଞ୍ଜ ଜିଲ୍ଲାରୁ ରଗବୀ ଖେଳାଳି ଅନ୍ତର୍ଜାତୀୟସ୍ତରରେ ଚମକିବାକୁ ଯାଉଛନ୍ତି। ରଗବି ଖେଳାଳି ସନ୍ଧ୍ୟାରାଣୀ ଟୁଡୁ ଫ୍ରାନ୍ସ ଯିବେ। ଭାରତୀୟ ବିଶ୍ୱବିଦ୍ୟାଳୟସ୍ତରୀୟ ରଗବୀ ଦଳରେ ସେ ସ୍ଥାନ ପାଇଛନ୍ତି। ଜୁନ ୧୦ ରୁ ୧୨ ତାରିଖ ପର୍ଯ୍ୟନ୍ତ ଫ୍ରାନ୍ସ ସ୍ଥିତ ଏକ୍ସାନ-ପ୍ରୋଭନ୍ସ ଠାରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ବିଶ୍ୱବିଦ୍ୟାଳୟ ସ୍ତରୀୟ ରଗବୀ ପ୍ରତିଯୋଗିତାରେ ସେ ଭାଗ ନେବାକୁ ଯାଉଛନ୍ତି।

# କାଳବୈଶାଖୀରେ ଉପୁଡ଼ିଲା ଗଛ



ରାଇବଣିଆ, ୬।୬(ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର ଅଦିନିଆ ବର୍ଷା ଓ କାଳବୈଶାଖୀ ଯୋଗୁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଛ ପଡ଼ି ବିଦ୍ୟୁତ୍ ତାର ଛିଡିପଡ଼ିବାରୁ ରାଇବଣିଆର ଅନେକ ଗାଁ ଅନ୍ଧାର ରହିଛି। ତତ୍‌ସହିତ ହାତୀଗର୍ଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ବିଶାଳକାୟ ପଟାସ ଗଛ ପାଚେରୀ ଉପରେ ଓଲଟି ପଡ଼ିଛି। ଅଳ୍ପକେ ବଡ ଦୁର୍ଘଟଣାରୁ ରକ୍ଷା ପାଇ ଯାଇଛନ୍ତି ଅନେକ ଲୋକ।

# ଝିଅ ଘରେ ସାବିତ୍ରୀ ଭାର ଦେଇ ଫେରିବାବେଳେ ଦୁର୍ଘଟଣାରେ ବାପା ମୃତ

ସୋର, ୬।୬(ସମିସ): ସୋର ଥାନା ବାଲିଛଦା ଘାଟ ନିକଟରେ ଅଜଣା ଗାଡି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଯାଇଛି। ଗତକାଲି ବିଳମ୍ବିତ ରାତିରେ ବାସୁଦେବପୁର ଥାନା ବାଲିମେଦ ଗ୍ରାମର ସୁନିଲ ବାରିକ (୫୨) ଖଇରା ଅଞ୍ଚଳରୁ ସାବିତ୍ରୀ ଭାର ଦେଇ ଝିଅ ଘରୁ ବାଇକରେ ଫେରୁଥିବା ବେଳେ ବାଲିଛଦା ଘାଟ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସୁନିଲ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ସକାଳେ ସୁନିଲଙ୍କ ଭାଇ ମହେଶ୍ୱର ବାରିକ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୫୧୨/୨୪ରେ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ନିଟ୍ ପରୀକ୍ଷାରେ ସାଇଶାନ୍ତନୁ ଦାସଙ୍କ ସଫଳତା



ବଳରାମପୁର, ୬।୬ (ସମିସ) : ବାଲିଆପାଳ ବ୍ଲକ ଅନ୍ତର୍ଗତ ଅଳାଡିହା ଗ୍ରାମର ସାଇ ଶାନ୍ତନୁ ଦାସ ଚଳିତବର୍ଷ ନିଟ ପରୀକ୍ଷାରେ ସାତଶହ କୋଡିଏ ନମ୍ବରରୁ ସାତଶହ ନମ୍ବର ରଖି ବାଲିଆପାଳ ମାଟିକୁ ଗୌରବାନ୍ୱିତ କରିଛନ୍ତି। ସେ ୨୦୨୧ ମସିହାରେ କୀର୍ତ୍ତିଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ମଧ ଛଶହରୁ ପାଞ୍ଚ ଶହ ଚଉସ୍ତରୀ ନମ୍ବର ରଖିଥିବାବେଳେ ହାୟାର ସେକେଣ୍ଡାରୀ ସ୍କୁଲ ଆଦ୍ୟାନ୍ତା ଭୁବନେଶ୍ୱରରୁ ଛଅ ଶହରୁ ପାଞ୍ଚ ଶହ ଚଉବନ ନମ୍ବର ରଖି ସଫଳତା ଲାଭ କରିଥିଲେ। ତାଙ୍କ ପିତା ମିହିର କୁମାର ଦାସ ଶିକ୍ଷା ପ୍ରଶାସକ ଏବିଓ ଭାବେ କାମ କରନ୍ତି। ମା' ଜଣେ ଅଙ୍ଗନବାଡି କର୍ମୀଭାବେ କାର୍ଯ୍ୟ କରନ୍ତି।

# ୧୨ ଫୁଟିଆ ଅଜଗର ଉଦ୍ଧାର



ନୀଳଗିରି, ୬।୬(ସମିସ): ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ ସିଆଡ଼ିମାଳ ଗ୍ରାମରୁ ୧୨ଫୁଟ ଲମ୍ବର ଏକ ଅଜଗର ସାପକୁ ଉଦ୍ଧାର କରାଯାଇ କୁଲଡିହା ଜଙ୍ଗଲରେ ଛଡା ଯାଇଛି। ଉକ୍ତ ଗାଁର ଚନ୍ଦ୍ରମୋହନ ସିଂ ଓ ପରିବାର ଲୋକେ ଘରବାଡ଼ିକୁ ଯାଇଥିବା ବେଳେ ସାପଟିକୁ ଦେଖି ଭୟଭୀତ ହୋଇଥିଲେ। କୁଲଡିହା ବନବିଭାଗ କର୍ମଚାରୀ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। କୁଲଡିହା ଜଙ୍ଗଲରୁ ସାପଟି ଖାଦ୍ୟ ଅନ୍ୱେଷଣରେ ଜନବସତି ମୁହାଁ ହୋଇଥିବା କୁହାଯାଉଛି।







# ସାନିଟାରୀ ପ୍ୟାଡ୍ ବ୍ୟବହାର କରିବା ନିହାତି ଜରୁରୀ

ବାଲେଶ୍ୱର, ୬।୬ (ସମିସ):

ମାସିକ ରତୁସ୍ରାବ

ଆଜି ବି ରତୁସ୍ରାବକୁ ନେଇ ଲୋକମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ହୋଇନାହିଁ। ଯେଉଁଥିପାଇଁ ଏହା ବାବଦରେ ମହିଳାମାନେ ଖୋଲାଖୋଲି ଭାବେ କଥାବାର୍ତ୍ତା କରିବାକୁ ସକ୍ଷମ ନୁହଁନ୍ତି। ଏବେବି ଗାଁ ଗହଳିରେ ମହିଳା ଓ ଝିଅମାନେ ରତୁସ୍ରାବ ଜନିତ ସ୍ୱଚ୍ଛତା ଓ ବାବଦରେ ଅବଗତ ନାହାନ୍ତି। ସେଥିପାଇଁ ବାହାରୁ ସାନିଟାରୀ ନାପକିନ୍ କିଣିବାକୁ ଲାଜ କରନ୍ତି ଏବଂ ମାସିକ ରତୁସ୍ରାବ ସମୟରେ କପଡ଼ା ବ୍ୟବହାର କରନ୍ତି। ତେବେ ଏହି କପଡ଼ା ବ୍ୟବହାର ଏବଂ ପ୍ରତି ମାସରେ ଏହି କପଡ଼ା ପୁନଃ ବ୍ୟବହାର ମାରାତ୍ମକ ରୋଗ ସୃଷ୍ଟି କରେ ବୋଲି ଡାକ୍ତର ମତବ୍ୟକ୍ତ କରିଛନ୍ତି। ସେଥିପାଇଁ ଅସୁରକ୍ଷିତ ରତୁସ୍ରାବ ଅନେକ ମହିଳାମାନଙ୍କ ୟୁଟେରସ୍ କ୍ୟାନ୍ସର ପାଇଁ ଦାୟୀ। ଆଜିର ସମୟରେ ରତୁସ୍ରାବକୁ ନେଇ କିଛି ମାତ୍ରାରେ ସଚେତନତା ସୃଷ୍ଟି ହୋଇଛି ସତ, କିନ୍ତୁ ଏବେ ବି ସମାଜରେ ଏହାକୁ ନେଇ ଅନେକ ଦ୍ୱନ୍ଦ ଓ ଅନ୍ଧବିଶ୍ୱାସ ଭରିରହିଛି। କାରଣ ଗାଁ ଗହଳିର ଲୋକମାନେ ରତୁସ୍ରାବକୁ ନେଇ ସଚେତନ ହୋଇନାହାନ୍ତି।

ସୂଚନା ଥାଉ କି, ୮-୧୨ ବର୍ଷର ବାଳିକା ମାନଙ୍କ କ୍ଷେତ୍ରରେ ପ୍ରଥମ ରତୁସ୍ରାବ ଆରମ୍ଭ ହୋଇଥାଏ ଓ ଏହା ପ୍ରତି ମାସରେ ହୁଏ। କିନ୍ତୁ ଏବେବି ରତୁସ୍ରାବକୁ ଲୋକମାନେ ଲଜ୍ଜାଜନକ ବିଷୟ ଭାବେ ଦେଖୁଛନ୍ତି। ଏହାକୁ ନେଇ ପ୍ରଥମେ ଘରର ମାଆ, ବାପା ଓ ଭାଇ ସଚେତନ ହେବା ଦରକାର। ତାହେଲେ ସମାଜ ସଚେତନ ହୋଇପାରିବ। ତେବେ ପ୍ରତ୍ୟେକ ମହିଳାଙ୍କ ମାସିକ ରତୁସ୍ରାବ ୨୮ ଦିନରେ ହେଉଥିବାରୁ ଏହି ଦିବସ ପାଳନ କରିବା ପାଇଁ ୨୮ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ରତୁସ୍ରାବ ସମୟରେ ସ୍ୱଚ୍ଛତା ବଜାୟ ରଖିବା ଲାଗି ମହିଳାମାନଙ୍କ ସଚେତନ କରିବା ଲକ୍ଷ୍ୟରେ ଏହି ଦିବସ ବିଶ୍ୱ ସ୍ତରରେ ପାଳନ କରାଯାଇଥିଲା। ନିକଟରେ ବିଶ୍ୱ ରତୁସ୍ରାବ ସ୍ୱଚ୍ଛତା ଦିବସ ସବୁଠି ପାଳନ କରାଯାଇଛି। ଏଥରର ଥିମ୍ ରହିଥିଲା 'ପିରିୟଡ୍ ଫ୍ରେଣ୍ଡଲି ୱାର୍ଲଡ୍'। ରତୁସ୍ରାବ ସ୍ୱଚ୍ଛତା ସମ୍ପର୍କରେ ଡାକ୍ତର ମୋନାଲିସା ବେହେରା କହିଛନ୍ତି, ମାସିକ ରତୁସ୍ରାବ ସମୟରେ ମହିଳା ଓ ଝିଅମାନେ ସାନିଟାରୀ ପ୍ୟାଡ୍ ବ୍ୟବହାର କରିବା ନିହାତି ଜରୁରୀ। କାରଣ ଏବେ ବି ମାସିକ ରତୁସ୍ରାବ ସମୟରେ ବହୁତ ମହିଳା କପଡ଼ା ବ୍ୟବହାର କରୁଛନ୍ତି ଏବଂ ଏହାକୁ ପୁନଃ ବ୍ୟବହାର କରୁଛନ୍ତି ଯାହା ମାରାତ୍ମକ ରୋଗ କରାଏ। କପଡ଼ା ବ୍ୟବହାର ଦ୍ୱାରା ସଂକ୍ରମଣ ସହ ସହ ରୋଗରେ ମହିଳାଙ୍କ ଜୀବନ ବି ଯାଉଥିଲା। ଏହାକୁ ଆଖି ଆଗରେ ରଖି ଆମ ସରକାର ପ୍ରତି ଅଙ୍ଗନବାଡ଼ି କେନ୍ଦ୍ର ତଥା ସ୍କୁଲରେ 'ଖୁସି' ନାମ ସାନିଟାରୀ ପ୍ୟାଡ୍ ପ୍ରଦାନ କରିବାର ବ୍ୟବସ୍ଥା କରିଛନ୍ତି। ତେବେ ଏବେ ସମୟ ଆସିଛି ଯେ ସବୁ ମହିଳା କପଡ଼ା ବ୍ୟବହାରକୁ ନା କୁହନ୍ତୁ। ବିଶେଷକରି ଗାଁରେ ରହୁଥିବା ମହିଳା ଓ ଝିଅମାନେ ମାସିକ ରତୁସ୍ରାବ ସମୟରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଉଚିତ। ନଳକୂପ ପାଣି ବ୍ୟବହାର କରିବା ଆବଶ୍ୟକ। ବ୍ୟବହାର କରିଥିବା ପ୍ୟାଡ୍‌କୁ କାଗଜରେ କଭର୍ କରି ମାଟି ତଳେ ପୋତି ଦିଅନ୍ତୁ। ତେବେ ସବୁ ଜିନିଷର ମୂଳ ହେଉଛି ଶିକ୍ଷା। ମୋ ହିସାବରେ ସ୍କୁଲର ସିଲାବସ୍‌ରେ ରତୁସ୍ରାବ ସମ୍ପର୍କିତ ଓ କିଶୋର ଅବସ୍ଥା ସମ୍ପର୍କିତ ସବୁ ତଥ୍ୟ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିବା ନିହାତି ଜରୁରୀ।

# ଶ୍ରଦ୍ଧା ଓ ଭକ୍ତିର ସହ ପାଳିଲେ ସାବିତ୍ରୀ ବ୍ରତ

## ସହରର ବିଭିନ୍ନ ମନ୍ଦିରରେ ବ୍ରତଧାରୀଙ୍କ ଭିଡ଼

ବାଲେଶ୍ୱର, ୬।୬(ସମିସ):

ସାବିତ୍ରୀ ବ୍ରତ ସଧବା ନାରୀମାନଙ୍କ ପାଳିତ ଏକ ଓଷା। ସାବିତ୍ରୀ ସ୍ୱାଧୀ ନାରୀଙ୍କର ଆଦର୍ଶ; ତେଣୁ ସ୍ୱାମୀଙ୍କର ଦୀର୍ଘ ଆୟୁଷ କାମନା କରି ଜ୍ୟେଷ୍ଠ ଅମାବାସ୍ୟାରେ ନିଷ୍ଠାର ସହ ଏହି ବ୍ରତ ପାଳନ କରିଥାନ୍ତି ପ୍ରତ୍ୟେକ ମହିଳା। ବାଲେଶ୍ୱର ସହରର ବିବେକାନନ୍ଦ ମାର୍ଗସ୍ଥିତ ଲଳିତେଶ୍ୱରୀ କାଳୀମନ୍ଦିର, ଝାଡେଶ୍ୱର ମହାଦେବ ମନ୍ଦିର, ରାଜାବଗିଚା ରାଧାକୃଷ୍ଣ ମନ୍ଦିର, ବାଲିଘାଟସ୍ଥିତ ତାରିଣୀ ମନ୍ଦିର, ଓଟିରୋଡ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ସମେତ ଅନ୍ୟାନ୍ୟ ବିଭିନ୍ନ ଶୈବପୀଠ ଓ ଶକ୍ତିପୀଠରେ ଆଜି ମହିଳାମାନଙ୍କର ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିରର ଦେବଦେବୀଙ୍କ ନିକଟରେ ଷୋଡଶ ଉପଚାର ପୂଜା ସାଙ୍ଗକୁ ଭକ୍ତିପୂତ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ ବ୍ରତଧାରୀ ମହିଳାମାନେ। ସ୍ୱାମୀଙ୍କ ଦୀର୍ଘାୟୁ ସାଙ୍ଗକୁ ପରିବାରର ମଙ୍ଗଳ କାମନା କରିଥିଲେ ମହିଳାମାନେ। ତେବେ ଜୀବନର ପ୍ରଥମଥର ପାଇଁ ସାବିତ୍ରୀ ବ୍ରତ ପାଳନ କରୁଥିବା ନବବିବାହିତାଙ୍କ ମଧ୍ୟରେ ପ୍ରବଳ ଉତ୍ସୁକତା ଲକ୍ଷ୍ୟ କରାଯାଇଥିଲା। ପରମ୍ପରା ଅନୁସାରେ ବିବାହିତ ଝିଅମାନଙ୍କ ପାଇଁ ବାପଘରୁ ସାବିତ୍ରୀ ଭାର ଆଜି ଆସିଥାଏ। ଅନ୍ୟପକ୍ଷରେ ବଜାରର ଫଳଦର ଆକାଶଛୁଆଁ ହୋଇଥିଲେ ମଧ୍ୟ ସ୍ୱାମୀମାନେ ସେଥିପ୍ରତି ଭ୍ରୂକ୍ଷେପ ନକରି ପତିବ୍ରତା ପତ୍ନୀଙ୍କୁ ଖୁସି କରିବାକୁ ହାତଖୋଲା ଖର୍ଚ୍ଚ କରିଛନ୍ତି। ସାବିତ୍ରୀ ବ୍ରତରେ ଫଳ ଦୋକାନଠାରୁ ଆରମ୍ଭ କରି ଲୁଗାପଟା ଓ ଜଳଖିଆ ଦୋକାନରେ ମଧ୍ୟ ଭିଡ ହୋଇଥିବା ଲକ୍ଷ୍ୟ କରାଯାଇଛି। ଜ୍ୟେଷ୍ଠମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ପାଳିତ ହେଉଥିବା ଏହି ସାବିତ୍ରୀ ବ୍ରତରେ ଓଡ଼ିଶାର ପ୍ରତ୍ୟେକ ବିବାହିତ ନାରୀ ସ୍ୱାମୀଙ୍କର ଦୀର୍ଘାୟୁ ସାଙ୍ଗକୁ ନିରାମୟ ଜୀବନ ଏବଂ ସୁନ୍ଦର ସ୍ୱାସ୍ଥ୍ୟ କାମନା କରି ପୂଜାର୍ଚ୍ଚନା କରିଥିଲେ।



# ଶ୍ରୀଲୋକନାଥ କିନ୍ନର ସଂଘର ସାବିତ୍ରୀ ବ୍ରତ ପାଳନ



ବାଲେଶ୍ୱର, ୬।୬(ସମିସ): ଶ୍ରୀଲୋକନାଥ କିନ୍ନର ସଂଘ ପକ୍ଷରୁ ନିଷ୍ଠାର ସହ ମହାସାବିତ୍ରୀ ବ୍ରତ ଆଜି ପାଳିତ ହୋଇଯାଇଛି। ସହରର ଆନନ୍ଦବଜାରସ୍ଥିତ ଶ୍ରୀଲୋକନାଥ ମନ୍ଦିରରେ ପୂଜାର୍ଚ୍ଚନା ସହ ବ୍ରତଧାରୀ କିନ୍ନରମାନେ ସାବିତ୍ରୀ ବ୍ରତ ପାଳନ କରିଥିଲେ। ବିଧି ଅନୁସାରେ ମନ୍ଦିର ପୂଜକ ପୂଜା କରିବା ସହ କିନ୍ନରମାନେ ଦେବତାଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ମହିଳାମାନେ ନିଜର ସ୍ୱାମୀଙ୍କ ଦୀର୍ଘାୟୁ ସହ ପରିବାରର କଲ୍ୟାଣ କାମନା କରୁଥିବା ବେଳେ କିନ୍ନରମାନେ ସେମାନଙ୍କ ଗୁରୁଙ୍କ ଦୀର୍ଘ ଜୀବନ କାମନା କରିଥିଲେ। ସଂଘର ସଭାପତି ପ୍ରିୟା କିନ୍ନର ଓ ସମ୍ପାଦକ ନନ୍ଦିନୀ କିନ୍ନରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା ସହ ସମସ୍ତେ ପୂଜାର୍ଚ୍ଚନା କରିଥିଲେ। ପ୍ରତିବର୍ଷ ଏହିଭଳି ବ୍ରତ ପାଳନ କରାଯାଇ ଥାଏ ବୋଲି ସଂଘର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି।

# ମହାନାଳର ତଦାରଖ କଲେ ନବନିର୍ବାଚିତ ବିଧାୟକ



ବାଲେଶ୍ୱର, ୬।୬(ସମିସ): ନବ ନିର୍ବାଚିତ ସଦର ବିଧାୟକ ମାନସ କୁମାର ଦତ୍ତ ଗୁରୁବାର ବାଲେଶ୍ୱର ସହରର ଜିଲ୍ଲା ସ୍କୁଲ ନିକଟରେ ଥିବା ମହାନାଳର ସ୍ଥିତି ପରିଖିଛନ୍ତି। ଏହି ସମୟରେ ଡ୍ରେନେଜ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ସହରରେ ବର୍ଷା ହେଲେ ପାଣି ସମସ୍ୟାକୁ ଦୂର କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। ଏହି ସମୟରେ ଡ୍ରେନେଜ ବିଭାଗର ସହକାରୀ ଯନ୍ତ୍ରୀ ହରିନାରାୟଣ ପରମାଣିକଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶୁଭିଲା ପ୍ରଚଣ୍ଡ ଶବ୍ଦ, ଲୋକେ ଭୟଭୀତ

ବାଲେଶ୍ୱର, ୬।୬(ସମିସ): ଆଜି ଅପରାହ୍ନରେ ବାଲେଶ୍ୱରରେ ଶୁଭିଥିଲା ପ୍ରଚଣ୍ଡ ଶବ୍ଦ। ହେଲେ ଏହି ଶବ୍ଦ କେଉଁଠୁ ଆସୁଛି ଜଣା ପଡ଼ିନଥିବା ବେଳେ ଏକ ସମୟରେ ଦୁଇଥର ଏଭଳି ଶବ୍ଦ ହୋଇଥିଲା। ଫଳରେ ଲୋକେ ଭୟଭୀତ ହୋଇପଡ଼ିଥିଲେ। ସୂଚନା ଅନୁସାରେ, ଆଜି ବାଲେଶ୍ୱରରେ ୩ଟା।୩୦ରୁ ୩ଟା।୪୦ମଧ୍ୟରେ ଆକାଶରୁ ଏକ ପ୍ରଚଣ୍ଡ ଶବ୍ଦ ଶୁଭିଥିଲ। ଏହା ଥରେ ନୁହେଁ ଦୁଇଥର ଏଭଳି ଶବ୍ଦ ପ୍ରଚଣ୍ଡ ଭାବେ ଶୁଭିଥିଲା। ଏପରିକି ଘର ମଧ୍ୟ ଦୋହଲିବା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଲୋକେ ଘରୁ ବାହାରି ଆସିଥିଲେ।

# ନିଟ୍ ପରୀକ୍ଷାରେ ଫିଜିକ୍ସୱାଲା ପାଠଶାଳା ଛାତ୍ରଛାତ୍ରୀଙ୍କ କୃତିତ୍ୱ



ବାଲେଶ୍ୱର, ୬।୬(ସମିସ): ଚଳିତବର୍ଷ ନିଟ ପରୀକ୍ଷାରେ ରାଜାବଗିଚାସ୍ଥିତ ଫିଜିକ୍ସ ୱାଲା ପାଠଶାଳା ଇନଷ୍ଟିଚ୍ୟୁସନର ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ଏହି ପରୀକ୍ଷାରେ ମୋଟ ୧୪ଜଣ ୬ଶହ ନମ୍ବରରୁ ଅଧିକ ରଖିଥିବା ବେଳେ ସେଥିମଧ୍ୟରୁ ଶିବନାରାୟଣ ଜେନା ୬୯୧ନମ୍ବର ରଖି ପ୍ରଥମ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ଦାସ ୬୬୫, ଆଦ୍ୟାଶା ମାନ୍ନା ୬୬୪, ବିପ୍ଳଜିତ ମିଶ୍ର ୬୬୩, ଶୁଭମ ହୋତା ୬୫୪, ଅଭିପ୍ସା ରାଉତ ୬୪୯, ଦିପ୍ତେସ ଜିୱାଲ ପାତ୍ର ୬୩୮, ପ୍ରୀତମ ପବିତ୍ର ଦାସ ୬୩୪, ଦିବ୍ୟଲୋଚନ ପଲେଇ ୬୨୬, ଚିନ୍ମୟ ପ୍ରଧାନ ୬୨୫, ପ୍ରକାଶ ମାଝୀ ୬୨୧, ରବିନାରାୟଣ ପଡ଼ିଆରୀ ୬୨୦, ଅଞ୍ଜନ କୁମାର ଗିରି ୬୧୦ ଏବଂ ଶୁଭମ କୁମାର ଦାସ ୬୧୬ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ଏନେଇ ସେମାନଙ୍କୁ ଇନଷ୍ଟିଚ୍ୟୁସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ବୋଲି ସେଂଟର ହେଡ ମାନସ ରଞ୍ଜନ ବେହେରା କହିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମକୁ ଇନଷ୍ଟିଚ୍ୟୁସନର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।

# ମନ୍ଦିରରେ ସାବିତ୍ରୀଙ୍କ ପୂଜାର୍ଚ୍ଚନା

ନୀଳଗିରି, ୬।୬ (ସମିସ): ଆଜି ସାବିତ୍ରୀ ଅମାବାସ୍ୟାରେ ବିବାହିତା ମହିଳା ମାନେ ଆଜି ସାବିତ୍ରୀ ବ୍ରତ ପାଳନ କରିଛନ୍ତି। ଏହି ଅବସରରେ ଆଜି ସକାଳେ ବିଭିନ୍ନ ଦେବଦେବୀ ପୀଠ ସ୍ଥଳୀରେ ମହିଳାମାନେ ସ୍ନାନ ପରେ ନୂତନ ବସ୍ତ୍ର ପରିଧାନ କରି ବିଭିନ୍ନ ଫଳ ପୁଷ୍ପ ନୈବେଦ୍ୟ ନେଇ ମନ୍ଦିରକୁ ଯାଇ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପୂଜାର୍ଚ୍ଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିର, ସଜନାଗଡ଼ ମା ଭୁଦାରଚଣ୍ଡୀ ମନ୍ଦିର, ଗୁଡ଼ିଶୂଳ ସ୍ଥିତ ମା ତାରିଣୀ ମନ୍ଦିର, ଅଯୋଧାରେ ମା ମାରିଚି ମନ୍ଦିର ପ୍ରମୁଖ ବିଭିନ୍ନ ଦେବଦେବୀ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ରାଜ୍ୟ ଓଷ୍ଟା ତରଫରୁ ସହାୟତା ରାଶି ପ୍ରଦାନ



ସିମୁଳିଆ, ୬।୬(ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର ପଦ୍ମାବତୀ ବାଳିକା ବିଦ୍ୟାଳୟର ଚତୁର୍ଥଶ୍ରେଣୀ କର୍ମଚାରୀ ଟୁନି ଭୂୟାଁ କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କରିଥିଲେ। ଆଜି ରାଜ୍ୟ ଓଷ୍ଟା ସଙ୍ଘର ସଭାପତି ଭଗବାନ ବାରିକ, ସମ୍ପାଦକ ପ୍ରସନ୍ନ କୁମାର ଧଳ ଓ ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ୫୦୦୦ହଜାର ଟଙ୍କାର ସହାୟତା ରାଶି ସହିତ ବିଭିନ୍ନ ସ୍କୁଲରୁ ୧୨, ୪୦୦ ଟଙ୍କା ତାଙ୍କର ସ୍ୱାମୀ ରାମଚନ୍ଦ୍ର ବିଶ୍ୱାଳଙ୍କୁ ପ୍ରଦାନ କରାଯାଇଛି।

# ବିଶ୍ୱ ପରିବେଶ ଦିବସରେ ଚାରାରୋପଣ

ବାଲେଶ୍ୱର, ୬।୬(ସମିସ): ବିଶ୍ୱ ପରିବେଶ ଦିବସ ଅବସରରେ ପରିବେଶକୁ ସୁରକ୍ଷା କରିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ବୁଆଳଁ ପଞ୍ଚାୟତ ଅନ୍ତର୍ଗତ ବେଲବାରିଆ ଗ୍ରାମରେ ଥିବା ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଦ୍ୟାଳୟ ତରଫରୁ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ବେଲବାରିଆ ସ୍ଥିତ କାଞ୍ଚନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ପ୍ରକାର ଫଳ ଏବଂ ପୁଷ୍ପ ବୃକ୍ଷ ରୋପଣ କରାଯାଇଥିଲା। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ବାଲେଶ୍ୱରରେ ଥିବା ଜିଲ୍ଲା ମୁଖ୍ୟ ଇଶ୍ୱରୀୟ ବିଦ୍ୟାଳୟର ଭଉଣୀ ମିନତି ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ସୁପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବେଲବାରିଆ ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଦ୍ୟାଳୟର ପରିଚାଳକ ଗୟାଧର ଯେନା, ଗୌରହରି ଯେନା, ଟୁନି ଭଉଣୀ ସ୍ନେହଲତା, ସୀମା, ସ୍ୱର୍ଣ୍ଣଲତା ଏବଂ ଇଶ୍ୱରିୟ ବିଦ୍ୟାଳୟର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟରେ ସହଯୋଗ କରିଥିଲେ।



**ମଡେଲ ବସ୍‌ଷ୍ଟାଣ୍ଡରେ ରହୁନି ବସ୍**

# ରାସ୍ତାକଡ଼ରେ ପାର୍କିଂ ହେଉଛି ବସ୍, ଉପୁଜୁଛି ଟ୍ରାଫିକ୍ ସମସ୍ୟା

ବାଲେଶ୍ୱର, ୬।୬ (ସମିସ):

ବାଲେଶ୍ୱର ସହରର ସହଦେବଖୁଣ୍ଟାସ୍ଥିତ ବସ୍‌ଷ୍ଟାଣ୍ଡକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୯ କୋଟି ୭୧ ଲକ୍ଷ ଟଙ୍କା ବ୍ୟୟ କରାଯାଇ ନୂତନ ମଡେଲ ବସ୍‌ଷ୍ଟାଣ୍ଡରେ ରୂପାନ୍ତରିତ କରାଯାଇଛି। ଏହି ବସ୍‌ଷ୍ଟାଣ୍ଡରେ ଅଧିକାଂଶ ଘରୋଇ ବସ ମାଲିକ ନିଜନିଜ ବସ ଛିଡା କରାଇବା ପରିବର୍ତ୍ତେ ଷ୍ଟେସନ ଛକରୁ ପୁଲିସ ଲାଇନ ଛକ ମଧ୍ୟସ୍ଥ ରାସ୍ତାର ଉଭୟ ପାର୍ଶ୍ୱରେ ଦିବାରାତ୍ର ବସ ଛିଡା କରାଉଥିବା ଦେଖାଯାଇଛି। ଏହି ରାସ୍ତା ପାର୍ଶ୍ୱ ସମ୍ପ୍ରତି ବସ ଓ ଟ୍ରକ ମାଲିକ ମାନଙ୍କ ପାଇଁ ଅଘୋଷିତ ବସଷ୍ଟାଣ୍ଡ ପାଲଟିଛି। ତେବେ ସହରର ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ପଥ ବିକ୍ରେତା ମାନଙ୍କ ପାଖରୁ ଯେମିତି ପୌରପାଳିକା ଦୈନନ୍ଦିନ କର ଆଦାୟ କରୁଛି, ଠିକ ସେମିତି ବସ୍ ମାଲିକ ମାନଙ୍କ ପାଖରୁ ପ୍ରତିଦିନ ବସ ଛିଡା କରାଇବା ବାବଦରେ ପୌରପାଳିକା କର ଆଦାୟ କରୁନାହିଁ କାହିଁକି ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି।

ବାଲେଶ୍ୱର ସହରର ଷ୍ଟେସନ ଛକ ଠାରୁ ତାମୁଳିଆ ବ୍ରିଜ ପର୍ଯ୍ୟନ୍ତ ରାସ୍ତାକୁ ନୂତନ ରୂପେ ପୂର୍ତ୍ତ ବିଭାଗ ନିର୍ମାଣ କରିଛି। ନିର୍ମାଣ କରିବା ପୂର୍ବରୁ ରାସ୍ତା ପାର୍ଶ୍ୱରେ ବ୍ୟବସାୟ କରୁଥିବା ପଥ ବିକ୍ରେତା ମାନଙ୍କୁ ଉଚ୍ଛେଦ କରାଯାଇ ଥିଲା। ରାସ୍ତା ନିର୍ମାଣ ପରେ ଆଉ ପଥ ବିକ୍ରେତା ମାନଙ୍କୁ ରାସ୍ତା ଉପରେ ବସି ବ୍ୟବସାୟ କରିବାକୁ ପୌରପାଳିକା ପକ୍ଷରୁ ଦିଆଗଲା ନାହିଁ। ମାତ୍ର ପୌରପାଳିକା ଝିଙ୍କିକା ମାରି ବଣି ପୋଷିବା ନୀତି ଆପଣେଇଛି। ଗରିବ ପଥ ବିକ୍ରେତା ମାନଙ୍କ ପ୍ରତି ପୌର ପ୍ରଶାସନର କଠୋର ମନୋଭାବ ଦେଖାଇ, ସେମାନଙ୍କୁ ରାସ୍ତା ପାର୍ଶ୍ୱରୁ ହଟାଇ ଦେବାପରେ ସେହି ସ୍ଥାନରେ ବର୍ତ୍ତମାନ ବସ ମାଲିକ ମାନଙ୍କୁ ବସ ଛିଡା କରାଇବା ପାଇଁ ବୋଧ ହୁଏ ଅନୁମତି ଦେଇଛି। ତା'ନହେଲେ ଷ୍ଟେସନ ଛକରୁ ପୁଲିସ ଲାଇନ ଛକ ପର୍ଯ୍ୟନ୍ତ ଉଭୟ ରାସ୍ତା ପାର୍ଶ୍ୱରେ ବସ ଓ ଟ୍ରକ ଗୁଡିକ ଧାଡିଧରି ଦିନରାତି ଛିଡା ହେଉଛି କାହା ଅନୁମତିରେ ବୋଲି ସଚେତନ ନାଗରିକ ମହଲରେ ଆଲୋଚନା ହେଉଛି। ଯଦି ବସ ଓ ଟ୍ରକ ମାଲିକ ମାନେ ପୌର ପ୍ରଶାସନର ଅନୁମତି ନ ନେଇ, ରାସ୍ତା ପାର୍ଶ୍ୱକୁ ନିଜର ବ୍ୟକ୍ତିଗତ ସମ୍ପତ୍ତି ଭାବି ମନଇଚ୍ଛା ଦିନରାତି ଗାଡି ଛିଡା କରାଉଛନ୍ତି, ତାହେଲେ ସେମାନଙ୍କ ଠାରୁ ପୌର ପ୍ରଶାସନ ପକ୍ଷରୁ ଦୈନିକ କେତେ ଟଙ୍କା କର ଆଦାୟ କରାଯାଉଛି ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ ଉଠୁଛି। ରାସ୍ତା ପାର୍ଶ୍ୱରେ ସାଢ଼େ ପାଞ୍ଚଫୁଟ ଜାଗାରେ ପଥ ବିକ୍ରେତା ଜଣେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବ୍ୟବସାୟ କଲେ ତା' ପାଖରୁ ପୌର ପ୍ରଶାସନ ଦୈନିକ ଦଶ ଟଙ୍କା କର ଆଦାୟ କରୁଛି। ଏହାବାଦ ପୁଲିସ ପ୍ରଶାସନ ମଧ୍ୟ ସେମାନଙ୍କ ଠାରୁ ମାସକୁ ପାଞ୍ଚ ଶହରୁ ହଜାରେ ଟଙ୍କା ଜୋରିମାନା ନେଉଛନ୍ତି। ପୁଣି ପୌରପାଳିକାର ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ବିଭିନ୍ନ ବଜାରରେ ବସୁଥିବା ରାସ୍ତା ପାର୍ଶ୍ୱସ୍ଥ ପଥ ବିକ୍ରେତା ମାନଙ୍କ ଠାରୁ ମାସକୁ ପାଞ୍ଚ ଶହରୁ ହଜାରେ ପର୍ଯ୍ୟନ୍ତ ଟଙ୍କା ଜୋରିମାନା ନେଉଥିବା ଅଭିଯୋଗ ହେଉଛି। ଯଦି ରାସ୍ତା ପାର୍ଶ୍ୱର ସ୍ୱଳ୍ପ ଜାଗାରେ ବସୁଥିବା ପଥ ବିକ୍ରେତା ମାନଙ୍କ ଠାରୁ ମାସକୁ ପ୍ରାୟ ହଜାରେ ପନ୍ଦର ଶହ ଟଙ୍କା ଜୋରିମାନା ନିଆଯାଉଛି, ତାହେଲେ ରାସ୍ତା ପାର୍ଶ୍ୱରେ ଛିଡା ହେଉଥିବା ଟ୍ରକ ଓ ବସ ମାଲିକ ମାନଙ୍କ ଠାରୁ ଦୈନିକ କର ଆଦାୟ କରିବାରେ ପୌର ପ୍ରଶାସନ କାହିଁକି ଅନୁକମ୍ପା ଦେଖାଉଛି। ବିଶେଷ ସୂତ୍ରରୁ ଜଣାଯାଇଛି, ରାସ୍ତା ପାର୍ଶ୍ୱରେ ଛିଡା ହେଉଥିବା ଗାଡି ଗୁଡିକର ମାଲିକମାନେ କୁଆଡେ ପୌର କର୍ତ୍ତୃପକ୍ଷଙ୍କୁ ପ୍ରତି ମାସ ମୋଟା ଅଙ୍କର ହାତଗୁଂଜା ଦେଉଛନ୍ତି। ଦିନରାତି ରାସ୍ତା ଉପରେ ବସ ଛିଡାହେବା ନେଇ ବରିଷ୍ଠ ସାମ୍ବାଦିକ ବଂଶୀଧର ଜେନା କୁହନ୍ତି, ପଥ ବିକ୍ରେତାଙ୍କ ଭଳି ଗରିବ ମାନଙ୍କ ପେଟରେ ନାତମାରି ବଡବଡ଼ିଆ ବସ ମାଲିକଙ୍କ ପ୍ରତି ଅଧିକ ସହାନୁଭୂତି ଦେଖାଉଛି ପୌରପାଳିକା। କେବଳ ରାସ୍ତାରେ ବସ୍ ଛିଡା କରାଇବା କ୍ଷେତ୍ରରେ ନୁହଁ, ବିଭିନ୍ନ କ୍ଷେତ୍ରରେ ଏହିଭଳି ପାତର ଅନ୍ତର ନୀତି ପୌରପାଳିକା ଅବଲମ୍ବନ କରୁଛି ବୋଲି ଶ୍ରୀ ଜେନା କହିଛନ୍ତି। ମାତ୍ର ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଅଜୟ କୁମାର ବିଶ୍ୱାଳ ଏ ବାବଦରେ କୁହନ୍ତି, ନୂତନ ବସ୍‌ଷ୍ଟାଣ୍ଡ ମଧ୍ୟରେ ବସ ଛିଡା କରିବା ପାଇଁ ଆରଟିଓ ଅନୁମତି ଦେଉ ନାହାନ୍ତି। ଷ୍ଟାଣ୍ଡ ଭିତରେ ବସ୍ ଛିଡା କରିବା ପାଇଁ ଦିଆଯାଉ ନାହିଁ।ତେବେ ଆମ୍ଭେ ମାନେ ବସ ଗୁଡିକୁ ଛିଡା କରାଇବୁ କେଉଁଠି ?ବାଧ୍ୟହେଇ ରାସ୍ତା ପାର୍ଶ୍ୱରେ ଛିଡା କରାଉଛୁ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି। ଅପରପକ୍ଷରେ ଆରଟିଓ ରଶ୍ମି ରଞ୍ଜନ ଦଳ ବେହେରା କହିଛନ୍ତି, ବସ୍‌ଷ୍ଟାଣ୍ଡ ଭିତରେ ଛିଡା ହେବା ଫଳରେ ବସ ମାଲିକ ମାନଙ୍କ ମଧ୍ୟରେ ଦୈନନ୍ଦିନ ଗଣ୍ଡଗୋଳ ହେଉଛି। ଯେଉଁଥି ପାଇଁ ବସ ଷ୍ଟାଣ୍ଡ ଭିତରେ ଗାଡି ରଖିବା ପାଇଁ ଅନୁମତି ଦିଆଯାଇ ନାହିଁ। ମାତ୍ର ବସ ମାଲିକ ମାନଙ୍କୁ କୁହା ଯାଇନି, ରାସ୍ତା ଉପରେ ଗାଡି ରଖିବା ପାଇଁ। ସେମାନେ ମନ ଇଚ୍ଛା ରାସ୍ତା ଉପରେ ଗାଡି ରଖୁଛନ୍ତି। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଶ୍ରୀ ଦଳବେହେରା କହିଛନ୍ତି।



## ନବନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୬।୬ (ସମିସ): ସଦର ନିର୍ବାଚନ ମଣ୍ଡଳୀର ନବ ନିର୍ବାଚିତ ବିଧାୟକ ମାନସ କୁମାର ଦତ୍ତଙ୍କୁ ଗୁରୁକୁଳ ତଥା ତୋଶାଳା ଓଡ଼ିଆ ମିଡ଼ିୟମ ସ୍କୁଲର ଚେୟାରମ୍ୟାନ ସୁଶାନ୍ତ କୁମାର ରାଉତଙ୍କ ଦ୍ୱାରା ଅଭିନନ୍ଦନ ଜ୍ଞାପନ କରାଯାଇଛି। ବିଜେପି କାର୍ଯ୍ୟାଳୟରେ ସୁଶାନ୍ତ ରାଉତ, ରଜତ ବେହେରା ଏବଂ କୁନା ବାବୁଙ୍କ ସମେତ ବିଦ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ବୃନ୍ଦ ବିଧାୟକଙ୍କୁ ଭେଟି ତାଙ୍କୁ ସମ୍ବର୍ଦ୍ଧିତ କରିବା ସହ ବୃକ୍ଷ ଚାରା ପ୍ରଦାନ କରି ସଦରରେ ବୃକ୍ଷରୋପଣ ପାଇଁ ସଦର ନୂତନ ବିଧାୟକଙ୍କୁ ଅନୁରୋଧ କରିବା ସହ ସହରକୁ ସବୁଜିମାରେ ଭରିବା ପାଇଁ ତଥା ସହରର ସଡ଼କ ପ୍ରାନ୍ତରେ ବୃକ୍ଷରୋପଣ ପାଇଁ ଅନୁରୋଧ କରିଥିଲେ। ବିଧାୟକ ମଧ୍ୟ ପ୍ରତିଶ୍ରୁତିବଦ୍ଧ ଯେ ବାଲେଶ୍ୱର ସହରରେ ବୃକ୍ଷରୋପଣ କରି ସବୁଜୀକରଣ କରିବା ସହ ସହରକୁ ସୌନ୍ଦର୍ଯ୍ୟକରଣ କରିବେ।

## ମା' ମନସା ଓ ସରସ୍ୱତୀଙ୍କ ପୂଜାର୍ଚ୍ଚନା



ଚନ୍ଦନେଶ୍ୱର, ୬।୬(ସମିସ): ଭୋଗରାଇର ହୁଗୁଳି ପଂଚାୟତ ଅଧୀନ ବିନ୍ଧାପଦ୍ମପୁର ଗାଁରେ ମନସା, ସରସ୍ୱତୀ ମାତାଙ୍କ ପୂଜାର୍ଚ୍ଚନା ସାଙ୍ଗକୁ ହରିନାମ ସଂକୀର୍ତନ ଓ ଅନ୍ନ ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇ ଯାଇଛି। ଗାଁର ମା' ତାରିଣୀ ଯୁବକ ସଂଘ ଉଦ୍ୟମରେ ତଥା ଗାଁ ଲୋକଙ୍କ ସହଯୋଗରେ ଦୀର୍ଘ ୩୨ ବର୍ଷ ଧରି ଏହା ଅନୁଷ୍ଠିତ ହୋଇ ଆସୁଛି। ତାଳସାରି, ବିନ୍ଧାପଦ୍ମପୁର, ପଦ୍ମପୁର, ଗମ୍ଭାରୀଆ, ବରବରିଆ, ହୁଗୁଳି ଆଦି ଅଞ୍ଚଳର ଲୋକ ସହିତ ଚଳିତ ବର୍ଷ ପ୍ରାୟ ଦୁଇ ହଜାରରୁ ଅଧିକ ଲୋକଙ୍କ ପାଇଁ ଅନ୍ନ ମହୋତ୍ସବର ଆୟୋଜନ କରା ଯାଇଥିଲା। ଏଥିରେ କ୍ଲବର ସଭାପତି ରବୀନ୍ଦ୍ର ଗଙ୍ଗାଇ, ପୂର୍ଣ୍ଣଚନ୍ଦ୍ର ଗଙ୍ଗାଇ, ପଦନ ଗଙ୍ଗାଇ, ଭଗବାନ ଦାସ, ବସନ୍ତ ଗଙ୍ଗାଇ, ପରମେଶ୍ୱର ଗଙ୍ଗାଇ, ବଳରାମ ଗଙ୍ଗାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ହୃଦ୍‌ଘାତରେ ପାନଚାଷୀଙ୍କ ମୃତ୍ୟୁ



ଚୌକି, ୬।୬ (ସମିସ) : ଭୋଗରାଇ ବ୍ଲକ ଅନ୍ତର୍ଗତ ବାରବାଟିଆ ପଞ୍ଚାୟତର ସେହି ଗ୍ରାମର ବିଶିଷ୍ଟ ପାନଚାଷୀ ବସନ୍ତ ଦାସଙ୍କର ଆଜି ୬୮ ବର୍ଷ ବୟସରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ରବିବାର ରାତି ୧୧ଟାରେ ଛାତିରେ ଯନ୍ତ୍ରଣା ହୋଇଥିଲା। ତାଙ୍କର ପୁତ୍ର ସ୍ୱର୍ଗତ ଦାସଙ୍କୁ ଏକ ରିକ୍ସା ସାହାଯ୍ୟରେ ପଖରେ ଥିବା ବିରକୁଳି ସେବାସଦନ ଜଳସହରିଆ ସ୍ଥିତ ଏକ ଘରୋଇ ନର୍ସିଂହୋମକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଛି। ସେ ଜଣେ ପର ଉପକାରୀ ମଣିଷ ଥିଲେ। ପାନ ବରଜ କରି ପରିବାର ପ୍ରତିପୋଷଣ କରୁଥିବା ସହିତ ବହୁତ ଲୋକଙ୍କୁ ପାନ ବରଜ କରିବା ପାଇଁ ପ୍ରଶିକ୍ଷଣ ଦେଉଥାନ୍ତି। ତାଙ୍କର ମୃତ୍ୟୁ ସମୟରେ ପୁତ୍ର ମାନସ ଦାସ, ସ୍ତ୍ରୀ ଆରତୀ ଦାସ, ଝିଅ ସୁନିତା ଦାସ, ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶବ ସତ୍କାର କରାଯାଇଥିଲା।

### ୭୦ ନଂ. ଜାତୀୟ ରାଜପଥରେ ଲୁଟେରାଙ୍କ ଆତଙ୍କ

# ବନ୍ଧୁକ ଦେଖାଇ ମାଛ ଗାଡ଼ିରୁ ଟଙ୍କା ଲୁଟ୍

ବସ୍ତା ବ୍ଲକ, ୬।୬ (ସମିସ) :



ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥରେ ଲୁଟେରାଙ୍କ ଆତଙ୍କରାଜ ଯାତାୟାତ କରୁଥିବା ଯାତ୍ରୀଙ୍କ ନିଦ ହଜାଇ ଦେଇଛି। ରାଜପଥରେ ଯାତାୟାତ କରୁଥିବା ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଗୁରୁବାର ସ୍ପଷ୍ଟ ଦିବାଲୋକରେ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ପିକଅପକୁ ଦୁର୍ବୃତ୍ତମାନେ ଅଟକାଇ ଡ୍ରାଇଭର ମୁଣ୍ଡରେ ବନ୍ଧୁକ ଲଗାଇ ୭୦ ହଜାର ଟଙ୍କା ଲୁଟିନେବା ଘଟଣା ବସ୍ତାରେ ଆଲୋଡନ ଖେଳାଇ ଦେଇଛି। ପ୍ରକାଶ ଯେ, ଗୁରୁବାର ପଶ୍ଚିମବଙ୍ଗର ମେଦନାପୁରରୁ ମାଛ ବିକ୍ରି ପାଇଁ ଏକ ପିକଅପ୍ କଷାଫଳ ଯାଇ ମାଛ ବିକ୍ରି କରି ଫେରୁଥିବା ବେଳେ ବସ୍ତା ଥାନା ଅନ୍ତର୍ଗତ ସୁନ୍ଦରହଟା ତାରିଣୀ ଛକଠାରେ ଏକ ବାଇକ ରେ ବସିଥିବା ୩ ଜଣ ଦୁର୍ବୃତ୍ତ ଡ୍ରାଇଭର ପାଖରେ ପହଞ୍ଚି ଚକର ନଟ୍ ଖୋଲି ଯାଇଥିବା କହିବା ଫଳରେ ଡ୍ରାଇଭର ମହାଦେବ ଜେନା ଗାଡ଼ିକୁ ରାସ୍ତା ପାର୍ଶ୍ୱରେ ଅଟକାଇ ଦେଖିବାକୁ ଯିବା ସମୟରେ ହଠାତ ତିନିଟି ଗାଡିରେ ଆସି ୯ ଜଣ ଦୁର୍ବୃତ୍ତ ଗାଡ଼ି ଭିତରେ ବସିଥିବା ନିମାଇଁ ବର୍ମାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କ ଠାରୁ ଟଙ୍କା ବ୍ୟାଗ ଓ ଗାଡ଼ିର ଚାବି ନେବାକୁ ଉଦ୍ୟତ ହେବା ବେଳେ ସେ ବିରୋଧ କରିବାରୁ ତାଙ୍କୁ ଆକ୍ରମଣ କରି ଟଙ୍କା ବ୍ୟାଗ କୁ ଝାମ୍ପି ଫେରାର ହୋଇ ଯାଇଥିଲେ। ସେଠାରେ କିଛି ମହିଳା ଉପସ୍ଥିତ ଥିବା ବେଳେ ବନ୍ଧୁକ ଦେଖି ସେମାନେ ଛାନିଆ ହୋଇ ପଳାଇ ଯାଇଥିଲେ। ନିରୁପାୟ ହୋଇ ଗାଡ଼ିର ଡ୍ରାଇଭର ଓ ତାଙ୍କ ସହଯୋଗୀ ଛିଡ଼ା ହୋଇ ଥିବା ବେଳେ ବାଲେଶ୍ୱରରୁ ବସ୍ତା ଆସୁଥିବା ବିଜେପି ନେତା ରବୀନ୍ଦ୍ର ଜୈନଙ୍କୁ ଲୋକେ ଅଟକାଇ ଘଟଣା ସମ୍ପର୍କରେ କହିବା ପରେ ଶ୍ରୀ ଜୈନ ବସ୍ତା ଥାନା ଅଧିକାରୀଙ୍କୁ ସୂଚନା ଦେବା ପରେ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥଲେ। ଗାଡ଼ିରେ ଥିବା ଦୁଇଜଣ ମେଦନାପୁର ଥାନା ମଇନା ଗ୍ରାମର ହୋଇ ଥିବା ବେଳେ ତାଙ୍କ ଠାରୁ ୭୦ ହଜାର ଲୁଟ ହୋଇଥିବା ସେମାନେ ପୁଲିସକୁ କହିଥିଲେ। ଲୁଟେରା ମାନେ ମୁହଁରେ କପଡ଼ା ଓ ଗାଡ଼ି ରେ ଥିବା ନମ୍ବର ପ୍ଲେଟ ରେ କପଡ଼ା ଢାଙ୍କି ଥିବା ଡ୍ରାଇଭର ମହାଦେବ ପ୍ରକାଶ କରିଥିଲେ। ଏହି ଲୁଟେରାଙ୍କ ଠାରେ ଏକାଧିକ ବନ୍ଧୁକ ଥିବା ଆକ୍ରମଣର ଶିକାର ହୋଇଥିବା ନିମାଇଁ କହିଥିଲେ। ରାଜପଥରେ ଲୁଟେରାଙ୍କ ଦୌରାତ୍ମ୍ୟ ବସ୍ତା ପୁଲିସକୁ ଅପରାଧୀଙ୍କ ଖୋଲା ଚ୍ୟାଲେଞ୍ଜ ବୋଲି କୁହାଯାଉଛି।

## ଏଫ୍‌ଏମ୍ କଲେଜରେ ବିଶ୍ୱ ପରିବେଶ ଦିବସ ପାଳିତ

ବାଲେଶ୍ୱର, ୬।୬ (ସମିସ): ବିଶ୍ୱ ପରିବେଶ ଦିବସ ପାଳନ ଉପଲକ୍ଷେ ଦୁଇଦିନ ବ୍ୟାପୀ ମହାବିଦ୍ୟାଳୟର ସମସ୍ତ ପରିସରରେ ବୃକ୍ଷ ରୋପଣ ଚାଲିଆସୁଥିବା ବେଳେ ଆଜି ଯୁବ ରେଡ୍ କ୍ରସ୍ ଶାଖା ଦ୍ୱାରା ମହାବିଦ୍ୟାଳୟର ମୁଖ୍ୟ ପ୍ରାଙ୍ଗଣରେ ଥିବା ସିଏଲ୍‌ଟି ଗ୍ୟାଲେରୀରେ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ କୁମାର ଘୋଷଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସେଥିରେ ବିଷୟ ବିଶେଷଜ୍ଞ ଭାବରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ପ୍ରଫେସର ଡ. ରଣୀନ୍ଦ୍ର କୁମାର ନାୟକ ଯୋଗ ଦେଇ ପରିବେଶ ସନ୍ତୁଳନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଶେଷ କରି ପ୍ରାକୃତିକ ବିପର୍ଯ୍ୟୟ ବେଳେ ସମୁଦ୍ର କୂଳ ଅଞ୍ଚଳ ଗୁଡ଼ିକ କିପରି ହେନ୍ତାଳ ବନଦ୍ୱାରା ସୁରକ୍ଷା ପାଇଥାଏ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ପ୍ରଫେସର୍ ଘୋଷ ପ୍ରାରମ୍ଭିକ ଅଭିଭାଷଣ ରଖି ପରିବେଶର ଗୁରୁତ୍ୱ ସମ୍ପର୍କରେ କହିଥିଲା ବେଳେ ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକ ଡ. ଉମାବତୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ବିଭୁଦତ୍ତ ବେହେରା ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ସଭାରେ ମହାବିଦ୍ୟାଳୟର ପ୍ରାୟ ସମସ୍ତ ବିଭାଗର ଅଧ୍ୟାପିକା ଅଧ୍ୟାପକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।




## ନବନିର୍ବାଚିତ ଭୋଗରାଇ ବିଧାୟକଙ୍କୁ ଜଳେଶ୍ୱରରେ ସମ୍ବର୍ଦ୍ଧନା



ଜଳେଶ୍ୱର ବ୍ଲକ, ୬।୬ (ସମିସ): ଚଳିତ ନିର୍ବାଚନରେ ଭୋଗରାଇ ବିଧାନ ସଭା ଆସନରୁ ନବ ନିର୍ବାଚିତ ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ଜଳେଶ୍ୱରରେ ସମ୍ବର୍ଦ୍ଧିତ କରାଯାଇଛି। ବୁଧବାର ପ୍ରକାଶିତ ନିର୍ବାଚନ ଫଳାଫଳରେ ଶ୍ରୀ ଦାସ ୬୭୮୧ ଭୋଟରେ କଂଗ୍ରେସ ପ୍ରାର୍ଥୀଙ୍କୁ ହରାଇ ବିଜୟ ହାସଲ କରିଥିଲେ। ଫଳରେ ଜଳେଶ୍ୱର ସ୍ଥିତ ହୋଟେଲ ଇନ୍ ପରିସରରେ ଦିଗମ୍ବରୀ ଦେବୀ ଶିକ୍ଷା ଅନୁଷ୍ଠାନ ସମୂହ ପକ୍ଷରୁ ତାଙ୍କୁ ଉଚ୍ଚସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନୁଷ୍ଠାନର ସଭାପତି ତଥା ଗୌତମ ବୁଦ୍ଧଙ୍କ ସମୁଦି ଡ. ଅଜିତ କୁମାର ମହାନ୍ତି, ଜୟନ୍ତ ଦାସଙ୍କ ସହଧର୍ମିଣୀ ତଥା ତାଙ୍କର ନିଜ ଭଉଣୀ ଅନନ୍ଦିତା ଦାସ, ଅନୁଷ୍ଠାନର ସମ୍ପାଦିକା ସମୁଦୁଣି ମଧୁଛନ୍ଦା ମହାନ୍ତି, ତାଙ୍କର ନିଜ ବଡ଼ ଭାଇ ଆଶିଷ ଦାସ, ଭଣଜା ଇଂ ଅଂଶୁମାନ ମହାନ୍ତି, ସୁମିତ ମହାନ୍ତି, କାର୍ତ୍ତିକ ମହାପାତ୍ର, ଅନୁଷ୍ଠାନର ଅଧ୍ୟକ୍ଷ ପ୍ରକାଶ ଜିନ୍ଦା, ମାନସ ମାଇତି, ଦିବ୍ୟଜ୍ୟୋତି ଦତ୍ତ ପ୍ରମୁଖ ଉପାୟନ ପୁଷ୍ପ ମାଲ୍ୟ, ଫୁଲତୁଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୁଦୂର ଆମେରିକାରୁ ତାଙ୍କର ସମୁଦି ଇଂ. ଅମିୟ କୁମାର ମହାନ୍ତି, ଭଣଜା ରାମକୃଷ୍ଣ ଦାସ, ଭଣଜା ବୋହୂ ଡଃ ଅଭିଷେତା ମହାନ୍ତି, ନାତି ଇଷାନ କୃଷ୍ଣ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ପାଳିଲେ ସାବିତ୍ରୀ ବ୍ରତ

ଜଳେଶ୍ୱର ବ୍ଲକ, ୬।୬ (ସମିସ): ଭାରତୀୟ ସଂସ୍କୃତିରେ ବିଭିନ୍ନ ଶ୍ରେଣୀର ଲୋକେ ବର୍ଷ ଯାକ ବିଭିନ୍ନ ତିଥିରେ ପର୍ବ ପର୍ବାଣୀ, ବ୍ରତ ଓଷା, ଉପାସନା ମାନ ପାଳନ କରିଥାନ୍ତି। ସମସ୍ତ ବ୍ରତ ଗୁଡ଼ିକରେ ମହିଳା ମାନେ ଅଧିକ ସଂଖ୍ୟାରେ ସଂଶ୍ଲିଷ୍ଟ ହେଉଥିବା ବେଳେ ସ୍ୱାମୀ, ସନ୍ତାନ ଓ ପରିବାର ର ମଙ୍ଗଳ ମନାସି ଥାନ୍ତି। ସମସ୍ତ ବ୍ରତ ମଧ୍ୟରେ ବିବାହିତା ନାରୀ ମାନଙ୍କ ପାଇଁ ଶ୍ରେଷ୍ଠ ବ୍ରତ ହେଲା ସାବିତ୍ରୀ ବ୍ରତ ତଥା ଅମାବାସ୍ୟା ତିଥିରେ ପାଳିତ ହେଉଥିବା ସାବିତ୍ରୀ ଓଷା। ସତୀ, ସ୍ୱାଧୀ



ପତିବ୍ରତା ସାବିତ୍ରୀଙ୍କ ସ୍ମରଣ ସାଙ୍ଗକୁ ତାଙ୍କ ପଦାଙ୍କ ଅନୁସରଣ ହେଉଛି ସାବିତ୍ରୀ ବ୍ରତ ପାଳନର ମୂଳ ଉଦ୍ଦେଶ୍ୟ। ଭାରତୀୟ ସଂସ୍କୃତିରେ ନାରୀ ମାନଙ୍କ ପାଇଁ ତାଙ୍କର ସ୍ୱାମୀ ହେଉଛନ୍ତି ଦେବତା ସଦୃଶ ଓ ସର୍ବସ୍ୱ। ବିଶେଷ ଭାବେ ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିବା ସହିତ ସତୀ ସାବିତ୍ରୀଙ୍କୁ ସନ୍ତୁଷ୍ଟ କରିବା ସାବିତ୍ରୀ ବ୍ରତ କଥାରେ କଥାରେ ଉଲ୍ଲେଖ ରହିଛି।

ବିଭିନ୍ନ ଅଞ୍ଚଳରେ ନାନା ବିଧି ବିଧାନରେ ସାବିତ୍ରୀ ବ୍ରତ ପାଳନ ହୋଇଥାଏ। ଅନେକ ସ୍ଥାନରେ ଶାଳପୁଆ ଥୋଇ ବଟ ବୃକ୍ଷ ମୂଳରେ, ଚଉରା ମୂଳରେ ପୂଜା କରା ଯାଇଥିବା ବେଳେ ଆଉ କେତେକ ସ୍ଥାନରେ ସାବିତ୍ରୀ ମନ୍ଦିର, ଦେବଦେବୀ ମନ୍ଦିର ଓ ଗୃହରେ ମଧ୍ୟ ପୂଜା ଅର୍ଚ୍ଚନା ହୋଇଥାଏ। କେତେକ ସ୍ଥାନରେ ମଧ୍ୟ ସାବିତ୍ରୀ ଦେବୀ, ଇଷ୍ଟ ଦେବାଦେବୀ ଏବଂ ସତ୍ୟବାନଙ୍କ ସହିତ ଲକ୍ଷ୍ମୀ ନାରାୟଣଙ୍କ ଯୁଗଳ ମୂର୍ତ୍ତିକୁ ପୂଜା କରାଯାଇଥାଏ। ଏହି ପର୍ବ ଉପଲକ୍ଷେ ଜଳେଶ୍ୱର ସମସ୍ତ ଦେବଦେବୀ ମନ୍ଦିରରେ ଦମ୍ପତିଙ୍କ ଭିଡ଼ ଜମିବା ସହିତ ଗ୍ରାମାଞ୍ଚଳରେ ମଧ୍ୟ ଶ୍ରଦ୍ଧା ନିଷ୍ଠାର ସହିତ ସାବିତ୍ରୀ ଓଷା ବହୁଳ ଭାବେ ପାଳିତ ହେଉଛି। ପବିତ୍ର ବନ୍ଧନର ନିଦର୍ଶନ ଭାବେ ଏହି ଓଷା ପାଳନ ଯୋଗୁଁ ଗାଁଠାରୁ ସହର ପର୍ଯ୍ୟନ୍ତ ଉତ୍ସବ ମୁଖର ହୋଇ ଉଠିଛି।

# ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ ପ୍ରବଳ ଭିଡ଼






ଚୌକି, ୬।୬ (ସମିସ) :

ଭୋଗରାଇ ବ୍ଲକ ର ବିଭିନ୍ନ ଦେବଦେବୀ ମନ୍ଦିରରେ ଆଜି ସାବିତ୍ରୀ ବ୍ରତ ପାଇଁ ଭିଡ଼ ଲାଗିଥିଲା। ସଧବା ମହିଳା ମାନେ ସକାଳୁ ଉଠି ଗାଧୁଆ ସାରି ନୂଆ ଲୁଗା ପିନ୍ଧି ପୂଜା ଓ ଭୋଗ ସାମଗ୍ରୀ ଧରି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଛନ୍ତି। ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର, ବାବା ଭୂଷଣ୍ଡେଶ୍ୱର ମନ୍ଦିର ସହିତ ବିଭିନ୍ନ ଗାଁ ରେ ଥିବା ସମସ୍ତ ଦେବା ଦେବୀ ପୀଠ ଆଜି ଉତ୍ସବ ମୁଖରିତ ହୋଇଥିଲା। ପ୍ରକାଶ ଯେ ସାବିତ୍ରୀ ବ୍ରତ ସଧବା ନାରୀମାନଙ୍କ ପାଳିତ ଏକ ଓଷା। ସାବିତ୍ରୀ ସ୍ୱାଧୀ ନାରୀଙ୍କର ଆଦର୍ଶ; ତେଣୁ ସ୍ୱାମୀଙ୍କର ଦୀର୍ଘ ଆୟୁଷ କାମନା କରି ଜ୍ୟେଷ୍ଠ ଅମାବାସ୍ୟାରେ ନିଷ୍ଠାର ସହ ଏହି ବ୍ରତ ପାଳନ କରିଥାନ୍ତି ପ୍ରତ୍ୟେକ ମହିଳା। ଏହି ଦିନ ସଧବା ନାରୀମାନେ ପ୍ରତ୍ୟୁଷରୁ ସ୍ନାନ କରି ନୂଆ ବସ୍ତ୍ର ପରିଧାନ କରିବା ସହ ନୂଆ ଶଙ୍ଖା, ଚୁଡ଼ି ପିନ୍ଧିଥାନ୍ତି। ଏହାପରେ ଫଳମୂଳ ସହ ନୂଆ ଶାଢ଼ି, ଶଙ୍ଖା, ସିନ୍ଦୂର, ବ୍ରତ, ଧୂପକାଠି, କାଠପାନିଆ, କଳାମାଳି, ଆଇନା ଆଦିକୁ ଥାଳିରେ ସଜାଇ ପୂଜା ପାଇଁ ପ୍ରସ୍ତୁତି କରିଥାନ୍ତି। ଆମ ଓଡ଼ିଶାରେ ସାବିତ୍ରୀ ଓଷାକୁ ବିଭିନ୍ନ ଢଙ୍ଗରେ ପାଳନ କରାଯାଏ। କେତେକ ସ୍ଥାନରେ ସ୍ତ୍ରୀଲୋକମାନେ ଏକତ୍ର ହୋଇ ତୁଳସୀ ଚଉଁରା ମୂଳେ ପୂଜା କରିଥାନ୍ତି। ଆଉ କେତେକ ସ୍ଥାନରେ ମହିଳାମାନେ ମନ୍ଦିରକୁ ଯାଇ ପୂଜା କରାଇଥାନ୍ତି। ଘରେ ଶିଳପୁଆରେ ମଧ୍ୟ କେହି କେହି ସାବିତ୍ରୀ ବ୍ରତ ପୂଜା କରିଥାନ୍ତି। ଶିଳପୁଆକୁ ପଞ୍ଚାମୃତ ଜଳରେ ସ୍ନାନ କରାଇ, ନୂତନ ବସ୍ତ୍ର ଅଳଙ୍କାରରେ ସଜାଇ ଦେବୀ ସାବିତ୍ରୀ ରୂପେ ସ୍ଥାପନ କରି ପୂଜାର୍ଚ୍ଚନା କରିଥାନ୍ତି। ପୂଜା ହୋଇଥିବା ଶାଢ଼ି, ସିନ୍ଦୂର, ଶଙ୍ଖା ଓ ବ୍ରତକୁ ପିନ୍ଧି ସ୍ୱାମୀଙ୍କୁ ଫୁଲ, ଚନ୍ଦନ ଦେଇ ପୂଜା କରନ୍ତି ଏବଂ ଶେଷରେ ସ୍ୱାମୀଙ୍କ ଚରଣ ଛୁଇଁ ପ୍ରଣାମ କରିଥାନ୍ତି। ସ୍ୱାମୀଙ୍କ ଦୀର୍ଘାୟୁ ଜୀବନର କାମନା କରିବା ସହ ପରିବାରର ମଙ୍ଗଳ ପାଇଁ ପ୍ରାର୍ଥନା କରିଥାନ୍ତି। ଏହି ପର୍ବରେ ବିଶେଷ କରି ବିଭିନ୍ନ ପ୍ରକାର ଫଳମୂଳ, ଯେପରି ପାଚିଲା ଆମ୍ବ, ପାଚିଲା ପଣସ, ସପୁରି, ତାଳସଜ, ନଡ଼ିଆ, କଦଳୀ, ଲିଚୁ, ଜାମୁକୋଳି ଆଦି ଭୋଗ କରାଯାଇଥାଏ। ତେବେ ପୂଜା ଶେଷ ହେବାପରେ ମହିଳାମାନେ ଭୋଗକୁ ଖାଇ ନିର୍ଜଳା ଉପବାସ ଭାଙ୍ଗିଥାନ୍ତି। ଦିନସାରା କେବଳ ଫଳାହାର ସହ ପଣା ପିଇ ରହିଥାନ୍ତି। ସମ୍ପୂର୍ଣ୍ଣ ସାତ୍ତ୍ୱିକ ଭାବେ ଦିନଟିକୁ କଟାଇଥାନ୍ତି ଏବଂ ରାତ୍ରିରେ ନ ଖାଇବାର ପରମ୍ପରା ରହିଛି। ଯେଉଁ ନାରୀ ଏହି ବ୍ରତ କରେ, ସେ ଆଜୀବନ ସଧବା ଏବଂ ପୁତ୍ରବତୀ ହୋଇ ମୃତ୍ୟୁ ପରେ ବୈକୁଣ୍ଠପ୍ରାପ୍ତି କରେ ବୋଲି ବିଶ୍ୱାସ ରହିଛି।

**ଚନ୍ଦନେଶ୍ୱର :** ସାବିତ୍ରୀ ବ୍ରତ ପାଇଁ ଭୋଗରାଇର ବିଭିନ୍ନ ଦେବଦେବୀ ପୀଠ ଗୁରୁବାର ଚଳ ଚଞ୍ଚଳ ହୋଇ ଉଠିଛି। ଭୋଗରାଇରେ ଭୋର ୬ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମନ୍ଦିର ମାନଙ୍କରେ ବ୍ରତଧାରୀ ମାନେ ଗହଳି ଲଗାଇ ଥିଲେ। ସେଥିପାଇଁ ମହିଳା ମାନେ ସ୍ୱାମୀଙ୍କ ଦୀର୍ଘାୟୁ କାମନା କରିଛନ୍ତି। ମହିଳାମାନେ ନୂଆ ଶାଢ଼ୀ ଶଙ୍ଖା, ସିନ୍ଦୁର ଓ ଫଳ ମୂଳ ଆଣି ପରିବାର ଓ ସ୍ୱାମୀଙ୍କ ମଙ୍ଗଳ ମନାସି ପୂଜାର୍ଚ୍ଚନା କରିଥିଲେ। ଦିନ ତମାମ ଉପବାସ ରହି ବ୍ରତ ପାଳନର ନିୟମ ରହିଛି ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି ଅବସରରେ ଚନ୍ଦନେଶ୍ୱର ଶୈବପୀଠ, ଏସିଆ ମହାଦେଶର ବୃହତ୍ତମ ଶିବଲିଙ୍ଗ ଭୂଷଣ୍ଡେଶ୍ୱରଠାରେ, ନାଫରାଇ ଚଣ୍ଡୀ ମନ୍ଦିର, କିଆଁ ଗଡ଼ିଆ ମଠ, ଦକ୍ଷିଣ ସରିଷା ଲକ୍ଷ୍ମୀନାରାୟଣ ମନ୍ଦିର, ଫୁଲବଣୀ ମାଁ ନାଇକାଣୀ ମନ୍ଦିର, ଗାଜିପୁର ଗୌର ଗୋବିନ୍ଦ ଆଶ୍ରମ, ଶଙ୍ଖାରୀ ରାଧା ଗୋପୀନାଥ ମନ୍ଦିର ମାନଙ୍କରେ ସଧବା ସ୍ତ୍ରୀ ଲୋକମାନେ ସ୍ୱାମୀଙ୍କ ମଙ୍ଗଳ ଓ ଦୀର୍ଘ ଜୀବନ କାମନା କରି ପୂଜାର୍ଚ୍ଚନା କରିବା ପାଇଁ ବେଶ ଭିଡ ଜମିଥିବା ଦେଖିବାକୁ ମିଳିଥିଲା। ଆଉ କେହି ଘରେ ବ୍ରାହ୍ମଣ ଡକାଇ ଏହି ବ୍ରତ ପାଳନ କରିଛନ୍ତି। ମନ୍ଦିର ମାନଙ୍କରେ ପୂଜା ଶେଷରେ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରି ନିଜ ନିଜ ଘରକୁ ମହିଳା ମାନେ ପ୍ରତ୍ୟାବର୍ତ୍ତନ କରିଥିଲେ। ବ୍ରତ ପାଇଁ ଫଳ ଓ କପଡ଼ା ଦୋକାନ ମାନଙ୍କରେ ମଧ୍ୟ ବେଶ ଭିଡ ଜମିଥିଲା।

### ● ଗ୍ରାମ୍ୟ ଉନ୍ନୟନ ବିଭାଗର ନିମ୍ନମାନର କାର୍ଯ୍ୟ

## ନିର୍ମାଣର ୧୫ ଦିନରେ ରାସ୍ତାରୁ ଉଠିଲା ପିଚୁ

ବାଲେଶ୍ୱର, (ଉତ୍ତର), ୬।୬(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ବିଭିନ୍ନ ରାସ୍ତା କାର୍ଯ୍ୟ ନିମ୍ନ ମାନର ହୋଇଥିବା ଅଭିଯୋଗ ହୋଇଛି। କେତେକ ସ୍ଥାନରେ ରାସ୍ତା ମରାମତି କାର୍ଯ୍ୟ ସହିତ ଏହି ବ୍ଲକ ଅନ୍ତର୍ଗତ କମର୍ଦ୍ଦା ଠାରୁ ଶଗଡ଼ା ସାହି ୩ କିମି ନୂଆ ରାସ୍ତା ନିର୍ମାଣର ୧୫ ଦିନ ବିତିନି, ପିଚୁ ଉଠିଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଯୋଗ୍ୟ ଯେ, କମର୍ଦ୍ଦା ବଜାର ଠାରୁ ଶଗଡ଼ାସାହି ପର୍ଯ୍ୟନ୍ତ ୩କିମି ରାସ୍ତାକୁ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୭୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ନିର୍ବାଚନ ପୂର୍ବରୁ ଟଙ୍କା ମଞ୍ଜୁର ହୋଇଥିଲା ବେଳେ ମାତ୍ର ୧୫ ଦିନ ତଳେ ଏହାର କାର୍ଯ୍ୟ ଶେଷ ହୋଇଛି। ସଞ୍ଜୟ ଗିରି ନାମକ ଜନୈକ ଠିକାଦାର ଏହି ରାସ୍ତା କାର୍ଯ୍ୟ କରିଛନ୍ତି। ପ୍ଲାନ ଓ ଏଷ୍ଟିମେଣ୍ଟ ଅନୁଯାଇ ମେଟାଲିଂ ଏବଂ ଯେତିକି ମୋଟେଇରେ ପିଚୁ ପଡ଼ିବା କଥା ସେ ଅନୁଯାଇ ନ ହୋଇ ସମ୍ପୃକ୍ତ ଠିକାଦାର ଅଳ୍ପ ମୋଟେଇ ରେ ପିଚୁ ପକାଇବାରୁ ତାହା ୧୫ ଦିନ ମଧ୍ୟରେ ଉଠିଯାଉଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହା ସମ୍ପୂର୍ଣ୍ଣ ଭାବେ ନିମ୍ନମାନର କାର୍ଯ୍ୟ ହୋଇ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଅନ୍ୟପକ୍ଷରେ ଦାୟିତ୍ୱ ରେ ଥିବା ବିଭାଗୀୟ ଯନ୍ତ୍ରୀ ସବ୍ୟସାଚୀ ଖଣ୍ଡରଯେ କହିଛନ୍ତି ଯେ ସେ ଏ ନେଇ ଅବଗତ ଅଛନ୍ତି, ସମ୍ପୃକ୍ତ ଠିକାଦାରଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ତୁରନ୍ତ ପୁଣି ଥରେ ଉକ୍ତ କାର୍ଯ୍ୟ କୁ କରିବା ପାଇଁ। ରାସ୍ତା ନିର୍ମାଣ ବେଳେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ନ ରହି ବିନା ତଦାରଖରେ କିଭଳି ହେଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



# ବିଦେଶରେ ଥାଇ ବି କର୍ତ୍ତବ୍ୟ ଭୁଲିନାହାନ୍ତି ଦେବାଶିଷ





**ବାରିପଦା, ୬।୬(ସମିସ):** ବାରିପଦା ପୌରପାଳିକା ୨୫ ନମ୍ବର ୱାର୍ଡର କାଉନସିଲର ଦେବାଶିଷ ପାତ୍ର ବିଦେଶରେ ଥାଇ ବି ନିଜର କର୍ତ୍ତବ୍ୟକୁ ଭୁଲି ନାହାନ୍ତି। ଫଳରେ ସେ ସବୁଠି ଧନ୍ୟବାଦର ପାତ୍ର ହୋଇଛନ୍ତି। ଜଣେ କାଉନସିଲର ହିସାବରେ ପରିଚିତ ସେ ସବୁବେଳେ ଲୋକଙ୍କ ସୁଖ ଦୁଃଖର ସାଥି ସାଜିଥାନ୍ତି। ଜନ୍ମ ଦିନ, ବିବାହ ଉତ୍ସବ ଆଦି ଭୋଜିରେ ଯୋଗଦେବା ଅପେକ୍ଷା ସେ ଲୋକଙ୍କ ଅନ୍ତିମ ଯାତ୍ରାରେ ଯାତ୍ରୀ ସାଜନ୍ତି। ନିଜ ୱାର୍ଡ ହେଉ ଅବା ବାରିପଦା ଆଖପାଖ ଅଞ୍ଚଳରେ କାହାରି ମୃତ୍ୟୁ ହେଲେ ଖବର ପାଇବା ସଙ୍ଗେ ସଙ୍ଗେ ପହଞ୍ଚି ସାହାଯ୍ୟ ସହଯୋଗର ହାତ ବଢ଼ାନ୍ତି। ଇତିମଧ୍ୟରେ ସେ ୨/୩ ହଜାର ଲୋକଙ୍କ ନିକଟରେ ଉପସ୍ଥିତ ହୋଇସାରିଲେଣି। ସେ ଏବେ ପରିବାର ସହ ଗ୍ରୀଷ୍ମ ଅବକାଶ ଛୁଟିରେ ବିଦେଶ ଭ୍ରମଣରେ ଯାଇଛନ୍ତି। ଏହି ସମୟରେ ୧୮ ନମ୍ବର ଜାତୀୟ ରାଜପଥ ପାଲବଣି ବାଇପାସ ନିକଟରେ ମୌସୁମୀ ପାତ୍ର ନାମକ ଜଣେ ନିରାଶ୍ରୟ ମହିଳାଙ୍କ ମୃତ୍ୟୁ ଖବର ପାଇଥିଲେ। ତତ୍କାଳ ନିଜର ସହକର୍ମୀଙ୍କୁ ଘଟଣାସ୍ଥଳକୁ ପଠାଇ ମାନବିକତା ଦେଖାଇଛନ୍ତି। ସହକର୍ମୀ ଶୁଭକାନ୍ତ ବେହେରା ପହଞ୍ଚି ସ୍ୱର୍ଗରଥ ଯୋଗେ ମରଶରୀରକୁ ନେଇ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଏଥିପାଇଁ ଅଞ୍ଚଳବାସୀ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଲୋକଙ୍କ ଅସୁବିଧା ସମୟରେ ନିଜର ପ୍ରଥମ କର୍ତ୍ତବ୍ୟ ଭାବେ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ ଦେବାଶିଷ ସ୍ଥାନୀୟ ଅଞ୍ଚଳରେ ବେଶ ପରିଚିତ।

## ବଡ଼ବଡିଆଙ୍କ କବ୍‌ଜାରେ ବଜାର ମୁଖ୍ୟ ରାସ୍ତା

# ସହରରେ ବଢୁଛି ଟ୍ରାଫିକ ସମସ୍ୟା

**କରଞ୍ଜିଆ, ୬।୬(ସମିସ)**

ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା କରଞ୍ଜିଆ ସହରରେ ଦୀର୍ଘଦିନ ହେବ ଟ୍ରାଫିକ ଅବ୍ୟବସ୍ଥା ଲାଗିରହିଛି। ପ୍ରଶାସନ ପକ୍ଷରୁ ଟ୍ରାଫିକ ସମସ୍ୟା ସୁଧାର କରିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଏହାକୁ ରୋକିବା ନିମନ୍ତେ କିଛିମାସ ପୂର୍ବରୁ ପୁଲିସ ପକ୍ଷରୁ ସହରର ପ୍ରମୁଖ ସ୍ଥାନରେ ସିସି କେମେରା ଲଗାଯାଇଛି; ହେଲେ ସମସ୍ୟା ଦୂର ହୋଇପାରୁନାହିଁ। ସହର ମଧ୍ୟକୁ ଭାରୀଯାନ ପ୍ରବେଶ ଉପରେ ସକାଳ ୮ଟାରୁ ରାତି ୮ଘଟିକା ପର୍ଯ୍ୟନ୍ତ ନିଷେଧ କରାଯାଇଥିବା ନେଇ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦିଆଯିବା ସହିତ ବୋର୍ଡ ମଧ୍ୟ ଲଗାଯାଇଛି; କିନ୍ତୁ ଏହି ନିୟମକୁ କିଛି ସ୍ଥାନୀୟ ଅମାନିଆ ବେପାରୀ ସମ୍ପୂର୍ଣ୍ଣ ବେଖାତିର କରି ଭାରୀଯାନଗୁଡ଼ିକୁ ମଧ୍ୟାହ୍ନ ସମୟରେ ସହର ମଧ୍ୟକୁ ପ୍ରବେଶ କରାଇ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ମୁଖ୍ୟତଃ ଏନଏସି ଛକରୁ ମା’ ଅମ୍ବିକା ମନ୍ଦିର ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଦେଖାଦେଇଛି। ବଜାର ମୁଖ୍ୟ ରାସ୍ତାଟି କିଛି ବଡ଼ବଡିଆ ବେପାରୀଙ୍କ କବ୍‌ଜାରେ ରହିଛି। ଫଳରେ ରାସ୍ତାଟି ସଂକୀର୍ଣ୍ଣ ହେବାରେ ଲାଗିଛି। ବଜାରକୁ ଟ୍ରାଫିକ ସମସ୍ୟାରୁ ମୁକ୍ତି ଦେବା ନିମନ୍ତେ ଏକ ବାଇପାସ୍ ରାସ୍ତା ନିର୍ମାଣ କରାଯାଇଥିବା ସତ୍ତ୍ୱେ ଭାରୀଯାନ ଗୁଡ଼ିକ ପ୍ରଶାସନର ନିୟମକୁ ଖିଲାପ କରି ଭିଡ଼ ସମୟରେ ବଜାର ମଧ୍ୟକୁ ପ୍ରବେଶ କରୁଛନ୍ତି। ଫଳରେ ଟ୍ରାଫିକ ସମସ୍ୟା ଦେଖାଦେବା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ପ୍ରଶାସନ ପକ୍ଷରୁ କରାଯାଇଥିବା ନିୟମକୁ ଅଧିକାରୀମାନେ ପ୍ରତ୍ୟହ ତଦାରଖ କରିବା ସହିତ ରାସ୍ତା କବଜା କରି ଟ୍ରାଫିକ ସମସ୍ୟା ଉତ୍ପନ୍ନ କରୁଥିବା ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି।




## ମୋରଡ଼ା ବିଧାୟକଙ୍କ ବିଜୟ ଶୋଭାଯାତ୍ରା

**ଶୁଳିଆପଦା, ୬।୬(ସମିସ):** ଦୀର୍ଘ ବର୍ଷ ଧରି ମୋରଡା ବିଧାନସଭା ଆସନ ବିଜେଡି ଅକ୍ତିଆରରେ ରହିଥିବାବେଳେ ଚଳିତ ନିର୍ବାଚନରେ ବିଜେପି ଖାତାକୁ ଆସିଛି। ଏହି ଆସନ ପାଇଁ ମୋଟ ୧୭ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ବିଜେପି ପ୍ରାର୍ଥୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ୩୩ ହଜାର ୧୯୮ ଭୋଟ୍ ବବଧାନରେ ବିଜେଡି ବିଧାୟିକା ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଏ ନେଇ କର୍ମୀ ମହଲରେ ପ୍ରବଳ ଉତ୍ସାହ ଦେଖାଦେଇଛି। କର୍ମୀମାନେ ଗତକାଲି ସନ୍ଧ୍ୟାରେ ବାଣ ଫୁଟାଇ ମିଠାବାଣ୍ଟି ଥିଲେ। ଆଜି ଏକ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରା ଶୁଳିଆପଦା ବ୍ଲକ ଅଧିନ ଦେଉଳି, ଅଁଳାକୁଡା, ମାଝିଆଣୀତଫା ଦେଇ ଶୁଳିଆପଦାରେ ପହଞ୍ଚିବା ପରେ ବିଜୟୀ ପ୍ରାର୍ଥୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଶୋଭାଯାତ୍ରାରେ ଡା.ମହାପାତ୍ରଙ୍କ ସହିତ ପୂର୍ବତନ ବ୍ଲକ ଅଧକ୍ଷ ଭାଗବତ ମାର୍ଣ୍ଡି, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଧିର କୁମାର ବେହେରା, ଜିଲ୍ଲା ଯୁବ ସଭାପତି ବଳରାମ ସାହୁ, ୫୩ ନଂ. ଜୋନ୍ ସଭାପତି ଦିଲ୍ଲୀପ ଦାସ, ୫୪ ନଂ.ଜୋନ୍ ସଭାପତି ପ୍ରଦୀପ ପାଲବାବୁ, ଜଗଜିତ୍ ସିଂହ, ମନୋଜ କୁମାର ଦାଁ, ଭାସ୍କର ବାରିକ୍, ଶଙ୍କର ବାରିକ୍, ସବିତା ସିଂଙ୍କ ସହିତ ଶତାଧିକ କର୍ମୀ ଯୋଗ ଦେଇଥିଲେ।ଶୁଳିଆପଦାରୁ ଏହି ଶୋଭାଯାତ୍ରା ବାଘଡା ହେଇ ମୋରଡା ଅଭିମୁଖେ ଯାଇଥିଲା।



## ଉଦଳାରୁ ୪ଥର ଜିତି ରେକର୍ଡ କଲେ ଭାସ୍କର ମଢ଼େଇ

**ଉଦଳା, ୬।୬(ସମିସ):** ଚଳିତ ବିଧାନସଭା ନିର୍ବାଚନରେ ବିଜେପି ସରକାର ଗଠନ କରିବା ନିମନ୍ତେ ପ୍ରସ୍ତୁତି ଚାଲିଥିବାବେଳେ ସବୁଠି ଚର୍ଚ୍ଚାରେ ରହିଛନ୍ତି ଉଦଳା ବିଧାୟକ ଭାସ୍କର ମଢେଇ। ସେ ଚାରିଥର ଉଦଳା ବିଧାୟକ ହେବାର ସୌଭାଗ୍ୟ ଲାଭ କରିବା ସହିତ ପୂର୍ବତନ ମନ୍ତ୍ରୀ ମନମୋହନ ଟୁଡୁ ଓ ପୂର୍ବତନ ବିଧାୟକ ରାବନେଶ୍ୱର ମଢେଇଙ୍କ ସହ ସମକକ୍ଷ ହୋଇପାରିଛନ୍ତି। ଶ୍ରୀ ୨୦୦୦, ୨୦୦୪, ୨୦୧୯ ଓ ୨୦୨୪ରେ ବିଧାୟକଭାବେ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସ୍ୱର୍ଗତ ମନମୋହନ ଟୁଡୁ ୧୯୫୮, ୧୯୬୧, ୧୯୬୭ ଓ ୧୯୭୧ରେ ବିଧାୟକ ହୋଇଥିବାବେଳେ ୧୯୭୪, ୧୯୮୦, ୧୯୮୫ ଓ ୧୯୯୫ରେ ସ୍ୱର୍ଗତ ରାବନେଶ୍ୱର ମଢେଇ ବିଧାୟକଭାବେ ନିର୍ବାଚିତ ହୋଇଥିଲେ। ତେବେ ଶ୍ରୀ ମଢେଇଙ୍କୁ ଆଗାମୀ ମନ୍ତ୍ରିମଣ୍ଡଳରେ ସାମିଲ କରିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏଣୁ ଉଦଳା ଆସନ ମନ୍ତ୍ରୀ ପଦ ପାଇବା ନେଇ ଚର୍ଚ୍ଚା ଜୋର ଧରିଛି। ସେ ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଶ୍ରୀନାଥ ସୋରେନଙ୍କଠାରୁ ୬୫୧୭ ଭୋଟ୍ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି।

# ସ୍ୱାମୀଙ୍କ ଦୀର୍ଘାୟୁ ପାଇଁ ବ୍ରତ ବାନ୍ଧିଲେ ସ୍ତ୍ରୀ

## ମହାଦେବ ଓ ଜଗନ୍ନାଥ ମନ୍ଦିରରେ ପ୍ରବଳ ଭିଡ଼

**ମୋରଡ଼ା, ୬।୬(ସମିସ):** ଆଜି ପବିତ୍ର ସାବିତ୍ରୀ ବ୍ରତ। ସଧବା ନାରୀଙ୍କ ପାଇଁ ଏହି ଦିନ ସ୍ୱତନ୍ତ୍ର। ଏଥିପାଇଁ ମୟୂରଭଞ୍ଜ ଜିଲ୍ଲାର ଚିତ୍ରଡା ଧର୍ମକ୍ଷେତ୍ରରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିର ଏବଂ ବାବା ଚିତ୍ରେଶ୍ୱର ମହାଦେବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ବିଶେଷକରି ଶ୍ରୀ ଜଗନ୍ନାଥ ମନ୍ଦିରରେ ଥିବା ମା’ ବିରଜା ସାବିତ୍ରୀ ବେଶକୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡି ଲାଗିଥିଲା। ଏଥିପାଇଁ ମନ୍ଦିର ଏବଂ ପୁଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଆଜିର ଦିନରେ ମା’ଙ୍କୁ ଦର୍ଶନ କରିବାର ସୁଯୋଗ ମିଳିଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଛି। ଏହି ଦିନରେ ମହିଳାମାନେ ଉପବାସ ରଖିବା ସହ ସ୍ୱାମୀଙ୍କ ଦୀର୍ଘଜୀବନ କାମନା କରିଥାନ୍ତି। ପୌରାଣିକ ଅନୁଯାୟୀ, ମହାସତୀ ସାବିତ୍ରୀ ସାବିତ୍ରୀ ନିଜର ନିଷ୍ଠା ଓ ସତୀତ୍ୱ ବଳରେ ଯମପୁରରୁ ସ୍ୱାମୀ ସତ୍ୟବାନଙ୍କୁ ଫେରାଇ ଆଣିଥିଲେ। ସେ ନିଜ ସ୍ୱାମୀଙ୍କ ଜୀବନ ପାଇଁ ଯମରାଜଙ୍କୁ ମଧ୍ୟ ବିବଷ କରି ଦେଇଥିଲେ। ନିଜର ତପବଳରେ ସେ ମୃତ୍ୟୁ କୋଳରେ ଚିରନିଦ୍ରାରେ ଶୋଇ ପଡ଼ିଥିବା ସ୍ୱାମୀକୁ ଉଠାଇ ନୂତନ ଜୀବନ ଦେଇଥିଲେ। ସେହିପରି ସଧବା ନାରୀମାନେ ଏହି ଓଷା କଲେ ତାଙ୍କ ସ୍ୱାମୀଙ୍କ ଆୟୁଷ ବଢ଼ିବା ସହ ପରିବାରେ ଶାନ୍ତି ବଜାର ରହିଥାଏ ବୋଲି ବିଶ୍ୱାସ ରଖିଛନ୍ତି। ଚିତ୍ରଡା ଶିବ ମନ୍ଦିର ପ୍ରାଙ୍ଗଣରେ ଥିବା ତୁଳସୀ ଚଉରା ନିକଟରେ ମୁଖ୍ୟ ପୂଜକ ବିଶମ୍ବର ପତି ପୂଜାର୍ଚ୍ଚନା କରିଥିଲେ।



# ନବନିର୍ବାଚିତ ବିଧାୟକ ପଦ୍ମଚରଣ ହାଇବ୍ରୁଙ୍କ ଶୋଭାଯାତ୍ରା

**ଠାକୁରମୁଣ୍ଡା, ୬।୬(ସମିସ):** ନବନିର୍ବାଚିତ ବିଜେପି ବିଧାୟକ ପଦ୍ମଚରଣ ହାଇବ୍ରୁ ଗତ ୫ ତାରିଖରେ ଠାକୁରମୁଣ୍ଡାରେ ଲୋକଙ୍କୁ ଭେଟିବା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଗତ ୪ ତାରିଖରେ ଭୋଟ ଗଣତି ପରେ କରଞ୍ଜିଆ ବଜାରରେ ଏକ ବିଜୟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ବୁଧବାର ସକାଳେ ଖିଚିଂ ସ୍ଥିତ ମା’କୀଚକେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଘଟଗାଁ ତାରିଣୀଙ୍କୁ ଦର୍ଶନ କରିଥିଲେ। ତାଙ୍କ ସହିତ ଜିଲ୍ଲାର ଅନ୍ୟ ବିଧାୟକ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ଏବଂ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଉପସ୍ଥିତ ଥିଲେ। କରଞ୍ଜିଆ ଗୋଲେଇରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଅପରାହ୍ନରେ ଠାକୁରମୁଣ୍ଡା ବିଜେପି କାର୍ଯ୍ୟାଳୟରୁ ଶହ ଶହ ସମର୍ଥକଙ୍କ ସହ ଏକ ଖୋଲା ଜିପରେ ଶୋଭାଯାତ୍ରାରେ ବାହାରି ହନୁମାନ ମୂର୍ତ୍ତି ନିକଟରେ ପହଞ୍ଚି ମାଲ୍ୟାର୍ପଣ କରିଥିଲେ। ସେଠାରୁ ବାସୁଳୀ ମନ୍ଦିର ଯାଇ ଦର୍ଶନ କରିବା ପରେ ଖମୁଡିହା ଗାଁ ବୁଲି ତରାମରା, ହାଣ୍ଡିଫୁଟା, ଠାକୁରମୁଣ୍ଡା ବଜାର, ଦିଗଧର ଆଦି ଗାଁ ପରିକ୍ରମା କରିଥିଲେ। ତାଙ୍କ ସହିତ ବହୁ ଜନସାଧାରଣ ସାମିଲ ହୋଇଥିଲେ।



## ବାଇକ୍ ଧକ୍କାରେ ଜଣେ ଗୁରୁତର

**ରାଇରଙ୍ଗପୁର, ୬।୬(ସମିସ):** ଅଁଳାଡୁବା ଗାଁ ନିକଟରେ ଅଜଣା ବାଇକ ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି। ଗୁରୁବାର ଅପରାହ୍ନ ସମୟରେ ଅଁଳାଡୁବା ଗାଁ ନିକଟରେ ଜଣେ ବାଇକ ଆରୋହୀ ଚାଲି ଚାଲି ଯାଇଥିବା ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲା। ଫଳରେ ବୁଧରାଏ ମାଝୀ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ବେଲପୋଷି ଗାଁରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ରାଇରଙ୍ଗପୁର, ୬।୬(ସମିସ):** ଜାମଦା ବ୍ଲକ ଲାହାନ୍ତ ଯୁବକ ସଂଘ ବେଲପୋଷି ତରଫରୁ ଏକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଜାମଦା ବ୍ଲକ ଅଧକ୍ଷ ଡୁମୁକା ହେମ୍ବ୍ରମ ଯୋଗଦେଇଥିଲେ। ହଳଦା କ୍ରିକେଟ ଟିମ୍ ଓ ସେଭେନ୍ ଷ୍ଟାର୍ ସରତ କ୍ରିକେଟ୍ ଟିମ୍ ଜାମଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ହଳଦା କ୍ରିକେଟ୍ ଟିମ୍ ୫୭ରୁ ଅଧିକ ରନ୍ କରି ଚାମ୍ପିଅନ ହାଇେଥିଲା। ସମ୍ମାନିତ ଅତିଥି ଭାନରେ ଗାଁର ନାଏକ ବାବା ଖୁଦୁ ମୁର୍ମୁ, ଚାନ୍ଦ୍ରାୟ ମୁର୍ମୁ, ଗାଁ ମୁଖିଆ ସାଲୁ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି କ୍ରିକେଟ୍ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସଂଘର ସଭାପତି ଡୁମୁକା ହେମ୍ବ୍ରମ, ସମ୍ପାଦକ ଆଲ୍ଲାହାନ୍ ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ସନ୍ଦୀପ୍ କୁମାର ମାଝୀ ଓ ସଂଘ ସଦସ୍ୟ ସହଯୋଗ କରିଥିଲେ।

## ଡ. ରମାକାନ୍ତଙ୍କ ୩ ପରିବେଶ ସଙ୍ଗୀତ ଲୋକାର୍ପିତ




**ବେତନଟୀ, ୬।୬(ସମିସ):** ଇକୋ ଫ୍ରେଣ୍ଡସ ମହୁଲିଆ ସ୍କୁଲ ଏବଂ ବେତନଟୀ ଏପେକ୍ସ ଫରେଷ୍ଟ ପ୍ରୋଟେକ୍ସନ କମିଟିର ମିଳିତ ସହଯୋଗରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଶିଷ୍ଟ ପରିବେଶବିତ୍ ଡ. ରମାକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବରେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା, ବିଶିଷ୍ଟ ଅତିଥି ଭାବରେ ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟର ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଭାଗର ଅଧ୍ୟାପିକା ମାମିନା ମହାନ୍ତ, ସମ୍ମାନିତ ଅତିଥି ଭାବରେ ମା’ ସବଳା ବିଶ୍ୱ କଲ୍ୟାଣ ସେବା ସମିତିର ସଭାପତି ଅନ୍ନଦା ମହାନ୍ତ, ମୁଖ୍ୟ ବକ୍ତା ଭାବରେ ଅଖିଳ ଭାରତୀୟ ବହୁ ଭାଷୀ ସାହିତ୍ୟ ଅନୁଷ୍ଠାନ ‘କବି ସଙ୍ଗମ’ର ସଭାପତି ବାସୁଦେବ ନାପିତ, ସମ୍ମାନିତ ଅତିଥି ଭାବରେ ତାଳପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା, ଗୌଡ଼ମଣ୍ଡଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିଶା ମଣି ସେଠୀ ଯୋଗଦାନ କରି ବିଶ୍ୱ ପରିବେଶ ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ଼କ୍ଟର ରମାକାନ୍ତ ମହାନ୍ତଙ୍କ ରଚିତ ୩ଟି ପରିବେଶ ସଙ୍ଗୀତକୁ ମୁଖ୍ୟ ଅତିଥି ଲୋକାର୍ପିତ କରିଥିଲେ। ମହୁଲିଆ ସରକାରୀ ପ୍ରାଥମିକ ବିଦ୍ୟାଳୟର ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ଭାରତୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ପେସା ବ୍ୟବସାୟ; ନିଶା ନିମ୍ବ ଚାରାରୋପଣ

## ପରିବେଶ ପାଇଁ ବିମ୍ବାଧରଙ୍କ ଜୀବନ ସମର୍ପିତ







**ବାରିପଦା, ୬।୬(ସମିସ)**

ବିମ୍ବାଧର ସାହୁ (୫୫) ପେଶାରେ ବ୍ୟବସାୟୀ; ହେଲେ ନିଶା ବୃକ୍ଷରୋପଣ। ବାରିପଦା ସହରର ଛଉ ପଡ଼ିଆ ନିକଟ ପୌରପାଳିକା କଲ୍ୟାଣ ମଣ୍ଡପ ପଛରେ ରହିଛି ତାଙ୍କର ଏକ ଦୋକାନ। ଦୋକାନରେ କାରବାର ସମୟରେ ଗ୍ରାହକଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ମଧୁର ବଚନ ପାଇଁ ସମସ୍ତଙ୍କ ପ୍ରିୟପାତ୍ର। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କ ଦୋକାନରେ ଜଳଖିଆ, ଚା, କଫି, ଫାଷ୍ଟଫୁଡ଼ ସହିତ ନିତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ବିକ୍ରି ହୋଇଥାଏ। ତେବେ ସେ ବ୍ୟବସାୟ କରିବା ସମୟରେ ମଧ ସମାଜସେବା କରିବାକୁ ଭୁଲି ନ ଥାନ୍ତି। ନିମ୍ବଗଛ ରୋପଣକୁ ସେ ନିଶା ଭାବେ ଗ୍ରହଣ କରିଛନ୍ତି। ଏଥିସହିତ ବାରିପଦା ସହରରେ ସେ ଏକ ‘ନିମ୍ବ ପରିବାର’ ନାମକ ଏକ ସଂଗଠନ ଗଢିଛନ୍ତି। ପ୍ରତିବର୍ଷ ନିଜେ ମଞ୍ଜି ସଂଗ୍ରହ କରି ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଚାରା ବଣ୍ଟନ କରିବା ସହିତ ବର୍ଷା ଋତୁରେ ବିଭିନ୍ନ ସ୍ଥାନରେ ଚାରାରୋପଣ କରିଥାନ୍ତି। ବୁଧବାର ବିଶ୍ୱ ପରିବେଶ ଦିବସରେ ମଧ ସେ ତାଙ୍କ ପରିବାର ସଦସ୍ୟଙ୍କୁ ନେଇ ନିମ୍ବ ଚାରାରୋପଣ କରିଛନ୍ତି। କେବଳ ବୃକ୍ଷ ରୋପଣ ନୁହେଁ, ଖରା ଦିନେ ବୁଲା ଗୃହପାଳିତ ପ୍ରାଣୀ ବୁଲା କୁକୁର ଓ ପକ୍ଷୀମାନଙ୍କ ନିମନ୍ତେ ଜଳଦାନ ମଧ କରିଥାନ୍ତି। ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ମଧ ସେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥାନ୍ତି। ନିମ୍ବ ଗଛ ରୋପଣ କରି ସରକାରୀ ଓ ବେସରକାରୀ ସଂସ୍ଥାରୁ ପୁରସ୍କୃତ ହୋଇଛନ୍ତି। ଏଥିସହିତ ପୂର୍ବରୁ ମଧ ବିଶ୍ୱ ପରିବେଶ ଦିବସ ଅବସରରେ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ପ୍ରକୃତି ମିତ୍ର ଭାବେ ପୁରସ୍କୃତ ହୋଇଛନ୍ତି। ଏ ନେଇ ଶ୍ରୀ ସାହୁ କୁହନ୍ତି, ପରିବର୍ତ୍ତନଶୀଳ ଦୁନିଆରେ ସମ୍ପ୍ରତି ନିମ୍ବ ଭଳି ବୃକ୍ଷ ଲୋପ ପାଇବା ଚିନ୍ତା ଜନକ। ଏହି ଗଛ ଏକ ଔଷଧୀୟ ବୃକ୍ଷ ହୋଇଥିବାରୁ ସର୍ବାଧିକ ଅମ୍ଳଜାନ ଦେଇଥାଏ। ଏହାର ପତ୍ର, ଖଡିକା, ଫଳ, ଗଛର ଛାଲ ଓ କାଠ ବହୁ ଦରକାରୀ। ମଶା ଦାଉରୁ ରକ୍ଷା ପାଇଁ ଗୋରୁଗାଈ ରହୁଥିବା ଗୁହାଳରେ ନିମ୍ବ ପତ୍ର ଧୂଆଁ ଦିଆଯାଉଛି। ପାଣି ବସନ୍ତ ରୋଗୀଙ୍କ ଶଯ୍ୟାରେ ନିମ୍ବ ପତ୍ର ପକାଇ ଶୋଇଲେ ରୋଗ ଦାଉରୁ ଶୀଘ୍ର ମୁକ୍ତି ମିଳିଥାଏ। ଏଣୁ ନିମ୍ବ ଗଛ ସୃଷ୍ଟି ଲକ୍ଷ୍ୟରେ ଆମ ନିମ୍ବ ପରିବାର କାମ କରିଆସୁଛି। ନିମ୍ବ ଚାରା ପ୍ରଦାନ ପାଇଁ କୋଣସି ମୂଲ୍ୟ ଗ୍ରହଣ କରାଯାଏ ନାହିଁ। ସମସ୍ତେ ଜୀବକାଳ ମଧରେ ଅତ୍ୟନ୍ତ ପକ୍ଷେ ଗୋଟିଏ ଲେଖାଏଁ ନିମ୍ବ ଗଛ ସୃଷ୍ଟି କରିବା ନିମନ୍ତେ ଲକ୍ଷ୍ୟ ରଖିବାକୁ ଶ୍ରୀ ସାହୁ ନିବେଦନ କରିଛନ୍ତି।

## ବିଶ୍ୱ ପରିବେଶ ଦିବସ ପାଳିତ



**କରଞ୍ଜିଆ, ୬।୬(ସମିସ):** କରଞ୍ଜିଆ ବନଖଣ୍ଡ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବୁଧବାର ଏସିଏଫ ମଦମ ମୋହନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଏକ ସଚେତନ ସଭା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କରଞ୍ଜିଆ ଡିଏଫ୍‌ଓ ସାଇ କିରଣ ଡି.ଏନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱପରିବେଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଥମେ କରଞ୍ଜିଆ ରେଞ୍ଜର ପ୍ରଶାନ୍ତ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ ସହିତ ଅତିଥି ପରିଚୟ ଦେଇଥିଲେ। ଫରେଷ୍ଟର ହରିଶ ଚନ୍ଦ୍ର, ଦୀପ୍ତିମୟୀ ସେଠୀଙ୍କ ସହିତ ସମସ୍ତ ବନପାଳ, ଫରେଷ୍ଟ ଗାର୍ଡ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପରେ ସରୁବାଲିଠାରେ ବନବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ଜଙ୍ଗଲ ଅଞ୍ଚଳରେ ପ୍ଲାଷ୍ଟିକ, ପଲିଥିନ ଓ ପ୍ଲେଟ ବ୍ୟବହାରକୁ ବର୍ଜନ ପାଇଁ ଆହ୍ୱାନ ଦିଆଯାଇଥିଲା। ପରେ ଭିଏସଏସମାନଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ ମଦନ ମୋହନ ମହନ୍ତ, କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

**ଶୁକ୍ଳି:** ଏ.ବି ଦାସ ଫାଉଣ୍ଡେସନର ପ୍ରତିଷ୍ଠାତା ପରିବେଶବିତ୍ ଡଃ କିଶୋର ଚନ୍ଦ୍ର ଦାସ ଏବଂ ତାଙ୍କ ସ୍ତ୍ରୀ ମଧୁସ୍ମିତା ଦାସଙ୍କ ସହାୟତାରେ ଚିତ୍ରପୋଷି ଗ୍ରାମର ଦେଓ ନଦୀ କୂଳରେ ଅନୁଷ୍ଠାନରସ ସମସ୍ତ ସଦସ୍ୟଙ୍କୁ ନେଇ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ସଂଗଠନର ସଦସ୍ୟଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାମର ଅଶ୍ୱିନୀ କୁମାର ଗିରି, ଶରତ ଗିରି, ପ୍ରତାପ ଚନ୍ଦ୍ର ଗିରି, ଉଗ୍ରେସେନ ଗିରି, ଯୁଧିଷ୍ଠିର ଗିରି, ଲକ୍ଷ୍ମୀଧର ଗିରି, କହ୍ନେଇ ଗିରି, ମୁସ୍ତାକିମ୍, ହରେକୃଷ୍ଣ ମାଝୀ, ଅଞ୍ଜନ ବାରିକ, ନବୀନ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଫାଉଣ୍ଡେସନର ଉପଦେଷ୍ଟା ଡଃ ଚନ୍ଦ୍ରଶେଖର ଦାସ ବିଶ୍ୱ ପରିବେଶ ଦିବସର ଆବଶ୍ୟକତା ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ।



ଗୟଳମରା ସାହିରେ ପାନୀୟ ଜଳ ସମସ୍ୟା ଉତ୍କଟ

# ସରପଞ୍ଚଙ୍କ ଘର ସମ୍ମୁଖରେ ଧାରଣାରେ ବସିଲେ ଗ୍ରାମବାସୀ

ଯୋଡ଼ା,୬।୬(ସମିସ)



ଯୋଡ଼ା ବ୍ଲକ ଅନ୍ତର୍ଗତ ପଳସା ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି। ଏନେଇ ଅଞ୍ଚଳବାସୀ ସ୍ଥାନୀୟ ସରପଞ୍ଚଙ୍କ ଘର ଆଗରେ ଧାରଣା ଦେଇଥିବା ଜଣାପଡିଛି। ଖବର ନେବାରୁ ଜଣାପଡିଛି ଯେ, ଉକ୍ତ ପଞ୍ଚାୟତର ଗୟଳମରା ସାହିରେ ପ୍ରାୟ ଦୁଇ ଶହରୁ ଅଧିକ ଲୋକ ବସବାସ କରନ୍ତି। ହେଲେ ଉକ୍ତ ଅଞ୍ଚଳବାସୀଙ୍କ ପାନୀୟ ଜଳ ସମସ୍ୟା ଆଜି ପର୍ଯ୍ୟନ୍ତ ସମାଧାନ ହୋଇ ପାରି ନାହିଁ। ସ୍ଥାନୀୟ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରି ବିଫଳ ହେବାରୁ ଅତିଷ୍ଠ ହୋଇ ଗୁରୁବାର ସକାଳ ୯ରେ କେତେକ ମହିଳା-ପୁରୁଷ କଳସ, ହାଣ୍ଡି, ବାଲତି ଧରି ସରପଞ୍ଚଙ୍କ ଘର ସାମ୍ନାରେ ଧାରଣାରେ ବସିଥିବା ଗୟଳସାହିର ମହିଳା ହେମଲତା ମହାକୁଡ, ଉଷାରାଣୀ ମହାକୁଡ, ଝିଙ୍ଗୀ ମୁଣ୍ଡା, ରାମ ମୁଣ୍ଡା ଓ ବସନ୍ତ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ସ୍ଥାନୀୟ ସରପଞ୍ଚ ଉକ୍ତ ସାହିର ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଆଦୌ ଦୃଷ୍ଟି ଦେଉ ନାହାନ୍ତି। ବେଳେ ବେଳେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରାଯାଉଥିବାବେଳେ ଏହା ପର୍ଯ୍ୟାପ୍ତ ନୁହେଁ। ତାହା ମଧ୍ୟ ଦୈନିକ ମିଳିପାରୁ ନାହିଁ। ଫଳରେ ପିଇବା ପାଣି ଟୋପାଏ ପାଇଁ ଲୋକେ ଉହଳ ବିକଳ ହେଉଥିବା ଦେଖିବାକୁ ମିଳୁଛି। ବେଲଦା ଠାରେ ଥିବା ମେଗା ପ୍ରୋଜେକ୍ଟ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ପାରୁ ନାହିଁ। ପ୍ରୋଜେକ୍ଟ ପକ୍ଷରୁ ବେଳେ ବେଳେ ଯେଉଁ ଜଳ ଯୋଗାଣ ହେଉଛି ତାହା କିଛି ଗ୍ରାମକୁ ପହଞ୍ଚୁଛି ତ ଆଉ କିଛି ଗ୍ରାମରେ ପହଞ୍ଚି ପାରୁ ନାହିଁ। ନିକଟରେ ଥିବା ସୋଲାର ୱାଟର ପମ୍ପର ଜଳ ପାନୀୟ ଉପଯୋଗୀ ହେଉନାହିଁ। ଏହି ଜଳରେ ଖାଦ୍ୟ ରନ୍ଧା ହେଲେ ତାହା ନାଲି ରଙ୍ଗ ହୋଇ ଯାଉଛି। ଯାହା ଖାଦ୍ୟ ଅନୁପଯୋଗୀ ବୋଲି ଜଣାପଡିଛି। ଲୋକେ ବାଧ୍ୟ ହୋଇ ଦେଢ଼ କିମି ଦୂରରେ ଥିବା ଏକ ନଳ କୂଅରୁ ପାଣି ଆଣି ରୋଷେଇ ଓ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ତେବେ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ସାହିକୁ ଜଳ ଯୋଗାଣ କରାଯାଉଥିବା ବେଳେ ତାହାକୁ ମଧ୍ୟ ୪ଦିନ ହେଲା ବନ୍ଦ କରି ଦିଆଯାଇଛି। ଲୋକେ ଏଥିପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉ ଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ପଳସା ଗ୍ରାମପଞ୍ଚାୟତ ସରପଞ୍ଚ ଅରୁଣ କୁମାର ନାଏକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ବେଲଦା ଠାରେ ଥିବା ମେଗା ପ୍ରୋଜେକ୍ଟରୁ ପାନୀୟ ଜଳ ଯୋଗାଣ ହେଉଛି। ହେଲେ ଉକ୍ତ ପ୍ରୋଜେକ୍ଟର ଜଳ ଯୋଗାଣ ବର୍ତ୍ତମାନ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। ବେଳେ ବେଳେ ଯଦିଓ ଜଳଯୋଗାଣ ହେଉଛି, ଲିକେଜ ଯୋଗୁଁ ତାହା ସବୁ ସ୍ଥାନରେ ପହଞ୍ଚି ପାରୁନାହିଁ। ଅନ୍ୟ ପକ୍ଷରେ ବାମେବାରି- କାଳୀମାଟି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ଉକ୍ତ ପାଇପ ଲାଇନ୍‌କୁ ଉଠାଇ ସ୍ଥାନାନ୍ତରିତ କରାଯାଉଛି। ଏହା ସହିତ ଉକ୍ତ ସାହିରେ ସୋଲାର ପମ୍ପ ଦ୍ୱାରା ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ରୋଷେଇ କାର୍ଯ୍ୟରେ ବ୍ୟବହାର ହୋଇପାରୁ ନାହିଁ। ଏପରି ପରିସ୍ଥିତିରେ ସ୍ଥାନୀୟ ଓଏମସିରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ପକ୍ଷରୁ ଉକ୍ତ ସାହିକୁ ଜଳ ଯୋଗାଣ କରାଯାଉଥିଲା। ମାତ୍ର ଜଳଯୋଗାଣ କରୁଥିବା ଟ୍ୟାଙ୍କର ଗତ ୪ଦିନ ହେବ ଖରାପ ହେବାରୁ ପାନୀୟ ଜଳଯୋଗାଣରେ ବ୍ୟାଘାତ ହୋଇଛି ବୋଲି କହିଥିଲେ। ଏହାର ତୁରନ୍ତ ସମାଧାନ ପାଇଁ ପ୍ରୟାସ କରାଯାଉଛି ବୋଲି କହିଛନ୍ତି।

## ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ



ତୁରୁମୁଙ୍ଗା,୬।୬(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜରେ ୨୫ ଟିକିଆ ହାତୀପଲଙ୍କ ଉପଦ୍ରବ ଦେଖିବାକୁ ମିଳିଛି। ବୁଧବାର ବିଳମ୍ବିତ ରାତିରେ ହାତୀପଲ ଜ୍ୟୋତିପୁର ବିଟ୍ ଅନ୍ତର୍ଗତ ମାଳିପଶି, ଜ୍ୟୋତିପୁର, ଗୋବିନ୍ଦପୁର ଫୁଲକଅଁଳେଇ ଆଦି ଗ୍ରାମରେ ଏକର ଏକର ଖରାଟିଆ ଧାନ ଚାଷକୁ ମାଡିଦଳି ନଷ୍ଟ କରିବା ସହ ଗୋବିନ୍ଦପୁର ଗ୍ରାମର ରଞ୍ଜନ ମୁଣ୍ଡାଙ୍କ ଘରର କବାଟ ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଛନ୍ତି। ସନ୍ଧ୍ୟା ସୁଦ୍ଧା ହାତୀପଲ କଙ୍କଡା ନିକଟରେ ଥିବା ଜଣା ପଡିଛି । ଗାଁ ନିକଟରେ ହାତୀପଲ ବୁଲୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲଙ୍କ ଉପରେ ନଜର ରଖିଛି।

## ପ୍ରକାଶ ପାଇବ 'ମୋ ସଂସ୍କୃତି' ପତ୍ରିକା

**ଆନନ୍ଦପୁର,୬।୬(ସମିସ):** ଓଡ଼ିଶାର କଳା, ସାହିତ୍ୟ ଓ ସଂସ୍କୃତିକୁ ନେଇ ପ୍ରଥମଥର ପାଇଁ ଏକ ଭିନ୍ନ ସ୍ୱାଦର ସାହିତ୍ୟ ଓ ସଂସ୍କୃତି ପତ୍ରିକା କେନ୍ଦୁଝର ଜିଲ୍ଲାର ଫକିରପୁର ଗ୍ରାମରୁ ପ୍ରକାଶ ପାଇବ ବୋଲି ଯୁବ ସାହିତ୍ୟିକ ତଥା ପତ୍ରିକାର ସମ୍ପାଦକ ତ୍ରିଲୋଚନ ସାହୁ ପ୍ରକାଶ କରିଛନ୍ତି। ଲେଖକମାନେ ଓଡ଼ିଶାର କଳା, ସଂସ୍କୃତି ଏବଂ ସାହିତ୍ୟ ଉପରେ ସ୍ୱରଚିତ ପ୍ରବନ୍ଧ ଚଳିତ ଜୁନ୍ ୧୩ ତାରିଖ ଭିତରେ ସମ୍ପାଦକ ଶ୍ରୀ ସାହୁଙ୍କ ନିକଟକୁ ପଠାଇବା ପାଇଁ ସେ ଅନୁରୋଧ କରିଛନ୍ତି।

## ପୂରଣ ହେଲାନି ଜୟଦେବଙ୍କ ଇଚ୍ଛା



**ସୋସୋ,୬।୬(ସମିସ):** ସାଧାରଣ ନିର୍ବାଚନରେ ଆନନ୍ଦପୁର ନିର୍ବାଚନ ମଣ୍ଡଳିର କଂଗ୍ରେସ ପ୍ରାର୍ଥୀ ଜୟଦେବ ଜେନାଙ୍କ ଶେଷ ନିର୍ବାଚନର ଇଚ୍ଛା ପୂରଣ ହୋଇ ପାରିନଥିବାରୁ ଚର୍ଚ୍ଚା ଜୋର ଧରିଛି। ଜୟଦେବ ଜେନା ଶିକ୍ଷକ ଚାକିରି ଛାଡି ରାଜନୀତିରେ ପ୍ରବେଶ କରିବା ପରେ ୨୦୨୪ରେ ୧୦ମ ଥର ପାଇଁ ନିର୍ବାଚନ ଲଢିଥିଲେ। ଏହି ସମୟ ମଧ୍ୟରେ ୪ଥର ବିଧାୟକ ହୋଇଥିବା ବେଳେ ପିସିସି ସଭାପତି ଓ ଗଣଶିକ୍ଷା ମନ୍ତ୍ରୀ ହୋଇଥିଲେ। କିନ୍ତୁ ୨୦୨୪ ନିର୍ବାଚନରେ ଶେଷ ନିର୍ବାଚନ ଲଢ଼ି ଜିତିବାକୁ ଅଣ୍ଟା ଭିଡିଥିଲେ। ଏହାକୁ ନେଇ ନିଜର ଗୋଟି ଚାଳନା କରିଥିଲେ। କିନ୍ତୁ ସେ ବିଜେଡି ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ଠାରୁ ୧୦,୯୬୬ ଖଣ୍ଡ ଭୋଟରେ ହାରିଥିଲେ। ଚଳିତ ନିର୍ବାଚନରେ ବିଜେଡି ୭୧୬୫୧ ଖଣ୍ଡ ଭୋଟ, କଂଗ୍ରେସ ୬୦,୬୮୫ ଖଣ୍ଡ ଭୋଟ, ବିଜେପି ୪୨,୫୯୧ ଖଣ୍ଡ ଭୋଟ ପାଇଥିଲେ। ଜୟଦେବ ଜେନା ହାରିବା ପରେ ତାଙ୍କଙ୍କ ଶେଷ ନିର୍ବାଚନର ଶେଷ ଇଚ୍ଛା ପୂରଣ ହୋଇ ପାରିନଥିବାରୁ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ସାଂସଦ ଅନନ୍ତ ନାୟକଙ୍କୁ ସମ୍ବର୍ଦ୍ଧନା



**ସୋସୋ ୬।୬(ସମିସ):** କେନ୍ଦୁଝର ଜିଲ୍ଲାର ସାଂସଦ ଅନନ୍ତ ନାୟକ ନିର୍ବାଚିତ ହେବା ପରେ ଗୁରୁବାର ଆନନ୍ଦପୁର ନିର୍ବାଚନ ମଣ୍ଡଳି ହାଟଡିହି ବ୍ଲକର ବହୁ ବରିଷ୍ଠ ବିଜେପି କର୍ମକର୍ତ୍ତା ଓ କର୍ମୀ ସାଂସଦ ଅନନ୍ତ ନାୟକଙ୍କ ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଯାଇଛନ୍ତି। ଏହି ସମୟରେ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ପୂର୍ବତନ ସରପଞ୍ଚ, ବିରିଷ୍ଠ ନେତା ବିବେକାନନ୍ଦ ରାଉତ, ହରମୋହନ ଶାସିନୀ, ସୁସାନ୍ତ ଆଦି ବହୁ ବରିଷ୍ଠ ନେତା ଉପସ୍ଥିତ ରହିଥିଲେ।

## ବିଦ୍ୟୁତ ଆଘାତରେ ଠିକା କର୍ମଚାରୀ ଗୁରୁତର



**ରାମଚନ୍ଦ୍ରପୁର,୬।୬(ସମିସ):** ବିଦ୍ୟୁତ ଆଘାତ ଲାଗି ଟାଟାପାୱାର କର୍ମଚାରୀ ଗୁରୁତର ଆହାତ ହୋଇ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଘଟଣା ପରେ କର୍ମଚାରୀଙ୍କ ମହଲରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶଯେ, ରାମଚନ୍ଦ୍ରପୁର ବିଦ୍ୟୁତ ସେକ୍ସନ ଅଧୀନ ଶାଳଦେଇ ଫିଡର ଗତକାଲି କାଳବୈଶାଖୀ ଝଡତୋଫାନ ଯୋଗୁଁ ତରୁଆଁ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଥିଲା। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଟାଟାପାୱାର ଲିଙ୍କ ଅଧୀନରେ କାର୍ଯ୍ୟରତ ଠିକା କର୍ମଚାରୀ ସତ୍ୟବ୍ରତ ଯେନା, ସନାତନ ରାଉତ ଏବଂ କିଛି କର୍ମଚାରୀ ତରୁଆଁ ପଞ୍ଚାୟତ ଲୁଣହାର ଗ୍ରାମ ନିକଟରେ ଥିବା ବିଦ୍ୟୁତ ଫିଡର ଉପରେ ଚଢି ମରାମତି କରୁଥିଲେ। ହେଲେ ମରାମତି କରୁଥିବା ସମୟରେ ବିଦ୍ୟୁତ କର୍ମଚାରୀ ସତ୍ୟବ୍ରତ ଜେନା ନିକଟରେ ଥିବା ୧୧ କେଭି ବିଦ୍ୟୁତ ସଂସ୍ପର୍ଶରେ ଆସି ଯିବାରୁ ବିଦ୍ୟୁତ ଖୁଣ୍ଟ ଉପରୁ ତଳକୁ ଖସି ପଡିଥିଲେ। ଗୁରୁତର ଆହାତ ଅବସ୍ଥାରେ ସତ୍ୟବ୍ରତଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିବା ଜଣାପଡିଛି। ଟାଟା ପାୱାର ସଂସ୍ଥା ଚାକିରି ଲୋଭ ଦେଖାଇ ଅନେକ ଅନଭିଜ୍ଞ କର୍ମଚାରୀଙ୍କୁ ବିଦ୍ୟୁତ ବିଭାଗରେ ଠିକା ନିଯୁକ୍ତି ଦେଇଥିବାରୁ ଏଭଳି ଦୁର୍ଘଟଣା ଘଟୁଥିବା ଉପଭୋକ୍ତା ଅଭିଯୋଗ କରୁଛନ୍ତି। ଦୁର୍ଘଟଣାର ଶିକାର ହୋଇ ଡାକ୍ତରଖାନାରେ ଜୀବନ ସହିତ ସଂଘର୍ଷ କରୁଥିବା ସତ୍ୟବ୍ରତ ଜେନାଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ଟାଟା ପାୱାର ସଂସ୍ଥା ବହନ କରିବା ସହ ପରିବାର ବର୍ଗକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରୁ ଦାବି କରାଯାଇଛି। ସେପଟେ ଏହି ଦୁର୍ଘଟଣାର ତଦନ୍ତ କରାଯାଇ ଦୋଷୀ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଠିକା କର୍ମଚାରୀ ମହଲରୁ ଦାବି କରାଯାଇଛି।

ବିଭିନ୍ନ ଘାଟରୁ ବିଳମ୍ବିତ ରାତିରେ ବାଲି ଚୋରାଚାଲାଣ

## ଅତ୍ୟଧିକ ବୋଝେଇ ଯୋଗୁ ଗ୍ରାମ୍ୟରାସ୍ତା ନଷ୍ଟ

**ଆନନ୍ଦପୁର, ୬।୬(ସମିସ):** ଆନନ୍ଦପୁର ଉପଖଣ୍ଡରେ ବାଲି ମାଫିଆଙ୍କ ରାଜୁତି ଦିନକୁ ଦିନ ବଢିଚାଲିଥିବାରୁ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ହାଟଡିହି, ଆନନ୍ଦପୁର ଓ ଘସିପୁରା ତହସିଲରେ ସରକାରଙ୍କ ଦ୍ୱାରା ଲିଜ୍‌ରେ ଦିଆଯାଇଥିବା ବାଲିଘାଟରୁ ଆଇନ୍ ଉଲ୍ଲଙ୍ଘନ କରି ବ୍ୟାପକ ବାଲି ଚୋରାଚାଲାଣ ହେଉଥିଲେ ମଧ୍ୟ ଖଣି ବିଭାଗ ଏହାକୁ ମୁକାବିଲା କରିବାରେ ବିଫଳ ହୋଇଛି। ଏନେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ହାଟଡିହି ତହସିଲ ହାବଳେଶ୍ୱର, ଡିମ୍ବିରିଆ ଓ ଜମ୍ବରା, ଘସିପୁରା ତହସିଲର ତାଳଗାଁ ପ୍ରଭୃତି ବାଲିଘାଟରୁ ଦୈନିକ ଶହ ଶହ ୧୦ ଚକିଆ, ୧୨ ଚକିଆ, ୧୪ ଚକିଆ ଓ ୧୬ ଚକିଆ ଭାରିଯାନରେ ୫୦ ଟନ୍‌ରୁ ୬୦ ଟନ୍ ବାଲି ପରିବହନ କରାଯାଉଛି। ସରକାରଙ୍କ ନିୟମ ଅନୁସାରେ ୬ ସିଏମ୍ ବାଲି ପରିବହନ ହେବା ପାଇଁ ନିୟମ ଥିବା ବେଳେ ଲିଜ ଅଞ୍ଚଳ ବାହାରେ ମେସିନ ଦ୍ୱାରା ବାଲି ଉତ୍ତୋଳନ କରାଯାଉଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୋଇଛି। ସରକାରଙ୍କ ନିୟମ ଅନୁଯାୟୀ ସକାଳ ୭ ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବାଲି ଉତ୍ତୋଳନ ହେବା ପାଇଁ ନିୟମ ଥିବା ବେଳେ ଦିନରାତି ଓ ରାତିତମାମ ୨୪ ଘଣ୍ଟା ବାଲି ଉତ୍ତୋଳନ ଏବଂ ପରିବହନ ଚାଲିଛି। ଜଳସ୍ରୋତ ଥିବା ସ୍ଥାନରୁ ବାଲି ଉଠାଇବା ନିଷେଧ କରାଯାଇଥିବା ବେଳେ ଏହି ନିୟମକୁ ବେଖାତିର କରି ବାଲି ଉତ୍ତୋଳନ କରାଯାଉଛି। ସ୍ଥାନୀୟ ପ୍ରଶାସନ ସହ ଯୋଗରେ ଏସବୁ ବାଲି କାରବାର ଚାଲିଥିବା ଗୁରୁତର ଅଭିଯୋଗ ହୋଇଛି। ବଡ ବଡ ହାଇଓାରେ ବାଲି ପରିବହନରେ ଗ୍ରାମାଞ୍ଚଳର ରାସ୍ତାଘାଟ ନଷ୍ଟ ହେଉଥିବାରୁ ଜନଜୀବନ ବେଶ୍ ପ୍ରଭାବିତ ହୋଇଛି। ରାସ୍ତାଘାଟରେ ଶତାଧିକ ବାଲିଗାଡି ଚଳାଚଳ ଦ୍ୱାରା ଧୂଳି ଉଡି ପରିବେଶ ପ୍ରଦୂଷିତ ହେଉଛି। ଜିଲ୍ଲା ପ୍ରଶାସନ, ପୁଲିସ, ରାଜସ୍ୱ ବିଭାଗ ଓ ପରିବେଶ ପ୍ରଦୂଷଣ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ ନକଲେ ସଂପୃକ୍ତ ସରକାରୀ ଅଧିକାରୀ ଓ ପଟ୍ଟାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଲୋଚନାରୁ ଜଣାଯାଇଛି।



## ପାଟଣାରେ ବିଜେପିର ଶୋଭାଯାତ୍ରା

**ତୁରୁମୁଙ୍ଗା,୬।୬(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀଙ୍କ ବିଜୟୀ ପରେ ପାଟଣାରେ ବିଜେପି ପକ୍ଷରୁ ବିଜୟୀ ଉତ୍ସବ ପାଳନ କରାଯାଇଛ। ସ୍ୱାମ ହନୁମାନ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ନବନିର୍ବାଚିତ ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କୁ ଦଳୀୟ କର୍ମକର୍ତ୍ତା ସ୍ୱାଗତ କରିବା ସହ ବିରାଟ ଶୋଭାଯାତ୍ରାରେ ପାଟଣା ବଜାର ପରିକ୍ରମା କରାଇଥିଲେ। ଏହି ଶୋଭାଯାତ୍ରାରେ ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ, ବରିଷ୍ଠ ନେତା କମଳାକାନ୍ତ ଦାଶ, ସୁବ୍ରତ ମହାନ୍ତି, ଦୁର୍ଗା ଚରଣ ନାଏକ, ଯୁଗୋଳ କିଶୋର ଦାଶ, ମହିଳାନେତ୍ରୀ ଦଶମତି ଚାତାର, ସୋମବାରୀ ମୁଣ୍ଡା, ମହେଶ୍ୱର ପୃଷ୍ଟି, ପ୍ରେମଚାନ୍ଦ ପୃଷ୍ଟି, ପ୍ରକାଶ ସେଠୀ, ଲକ୍ଷ୍ମଣ ପତି, ଯତୀନ୍ଦ୍ର କୁମାର ଦାଶ, ସୁବ୍ରତ ଦ୍ୱିବେଦୀ, ବିରଞ୍ଚି ମହାନ୍ତ, ସଞ୍ଜୟ ପଲେଇ ପ୍ରମୁଖ ସାମିଲ ହୋଇଥିଲେ। ଏହାପରେ କେନ୍ଦେଇପଶି ମୁଖ୍ୟାଳୟରେ ମଧ୍ୟ ବିଜୟୀ ଉତ୍ସବ ପାଳନ କରାଯାଇଥିଲା। କେନ୍ଦେଇପଶିରେ ମିତ୍ରଭାନୁ ମହାନ୍ତ, ପ୍ରକାଶ ସେଠୀ, ଦିବ୍ୟଲୋଚନ ସାହୁଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

## ବିଧାୟକଙ୍କୁ ସମ୍ବର୍ଦ୍ଧନା

**ସୋସୋ,୬।୬(ସମିସ):** ଆନନ୍ଦପୁର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ନିର୍ବାଚିତ ହୋଇଛନ୍ତି। ବୁଧବାର ବାଲିବରେଇ ପଞ୍ଚାୟତର ବରିଷ୍ଠ ବିଜେଡି କର୍ମୀ ଶତ୍ରୁଘ୍ନ ପାତ୍ର, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଲୁଲୁ ଆୟଚ, ବାବୁଲି ଲେଙ୍କା, ବାବୁଲି ରାଉତ, ନରୋତମ ଶତପଥୀ, ନରେନ୍ଦ୍ର ନାୟକ ପ୍ରମୁଖ ବହୁ କର୍ମୀ ତାଙ୍କ ବାସ ଭବନ ଇଞ୍ଜୋଳରେ ପହଞ୍ଚି ତାଙ୍କୁ ବିଜୟଶୁଭେଚ୍ଛା ଜଣାଇଛନ୍ତି।

ନିର୍ମାଣରେ ୧୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି

## ଭାଙ୍ଗିଗଲାଣି ଫେବର୍ ବ୍ଲକ୍ ରାସ୍ତା

**ଆନନ୍ଦପୁର, ୬।୬(ସମିସ):** ଆନନ୍ଦପୁର ପୌରପରିଷଦ ପକ୍ଷରୁ ପ୍ରାୟ ୧୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ ହୋଇଥିବା ଫେବର ବ୍ଲକ ରାସ୍ତା ଭାଙ୍ଗିରୁଜି ଗଲାଣି। ଆନନ୍ଦପୁର ପୌରାଞ୍ଚଳରେ ପିଚୁ ଓ କଂକ୍ରିଟ ରାସ୍ତା ବଦଳରେ ଏବେ ସବୁଆଡେ ଫେବର୍ ବିଛାଯାଇ ରାସ୍ତା ନିର୍ମାଣ ଚାଲିଛି। ରାସ୍ତାର ସ୍ଥାୟିତ୍ୱ ଓ ମରାମତି ଚିନ୍ତାରୁ ମୁକ୍ତି ପାଇଁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ବେଳେ ନିମ୍ନମାନର କାମ ଯୋଗୁଁ ନିର୍ମାଣର ଅଳ୍ପଦିନ ମଧ୍ୟରେ ଏହି ରାସ୍ତାର ଫେଭର ଦବି ଯାଉଥିବା ପରିଲକ୍ଷିତ ହୋଇଛି। ଏସ୍‌ଏଚ୍‌ଜି ଗୋଷ୍ଠୀଙ୍କ ନାମରେ କାର୍ଯ୍ୟାଦେଶ ଥିବାରୁ ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନଥିବା ସୂଚନା ମିଳିଛି। ପରଦା ପଛରେ ରହି ଠିକା କାମ କରି ଲାଭବାନ ହେଉଛନ୍ତି ଠିକାଦାର। ଆନନ୍ଦପୁର ପୌରାଞ୍ଚଳର ବିଭିନ୍ନ ୱାର୍ଡର ବସ୍ତି ଓ ଶତାଧିକ ବସ୍ତିର ରାସ୍ତାରେ ପକାଯାଇଛି ଫେବର ବ୍ଲକ। ଏଥିପାଇଁ ଆନନ୍ଦପୁର ପୌରପରିଷଦ ପକ୍ଷରୁ ପ୍ରାୟ ୧୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିବା ଜଣାପଡିଛି। ଆନନ୍ଦପୁର ପୌରାଞ୍ଚଳର କେତେକ ୱାର୍ଡରେ ପୂର୍ବରୁ ଥିବା ପିଚୁ ଓ ସିମେଣ୍ଟ କଂକ୍ରିଟ ରାସ୍ତା ଉପରେ ଫେବର ବ୍ଲକ ପକାଯାଇଛି। ଏପରିକି ସହରର ବହୁ ପ୍ରମୁଖ ରାସ୍ତାରେ ଏବେ ଫେବର ବ୍ଲକ ପଡିସାରିଥିବା ଜଣାଯାଇଛି। ଛୋଟବଡ ଗଳି ରାସ୍ତାଠାରୁ ଆରମ୍ଭ କରି ଗୋଟିଏ ଦୁଇଟି ଘର ଥିବା ସ୍ଥାନରେ ବି ଏହାକୁ ପକାଯାଇଥିବା ଦେଖିବାକୁ ମିଳୁଛି। ନିର୍ମାଣ କାର୍ଯ୍ୟ ସମୟରେ ଯନ୍ତ୍ରୀମାନେ ଉପସ୍ଥିତ ରହୁନଥିବା ବେଳେ ନିର୍ମାଣ କାର୍ଯ୍ୟର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ତଦାରଖ କରାଯାଉନଥିବାରୁ ଏପରି ସମସ୍ୟା ଦେଖାଦେଇଛି। ବାଲି, କ୍ରସର ଗୁଣ୍ଡ ଦେଇ ରାସ୍ତା ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ କରିବାକୁ ବିଭାଗୀୟ ଆକଳନରେ ଦର୍ଶାଯାଉଥିଲେ ମଧ୍ୟ ତାହା କରାଯାଉନଥିବା ପରିଲକ୍ଷିତ ହୋଇଛି। ରାସ୍ତା ନିର୍ମାଣର ଅଳ୍ପଦିନ ପରେ ଅନେକ ସ୍ଥାନରେ ସେସବୁ ଭାଙ୍ଗିବା ସହ ଉଠିଯାଉଥିବା ପରିଲକ୍ଷିତ ହୋଇଛି। ଝାଡେଶ୍ୱର ହାଇସ୍କୁଲ ଠାରୁ ନିର୍ମାଣ ହୋଇଥିବା ଘସିପୁରା ଗ୍ରାମ୍ୟ ରାସ୍ତାରେ ଠିକ୍ ଭାବେ ଫେବର ପକାଯାଉନଥିବା ଅଭିଯୋଗ ହୋଇଛି। ଫଳରେ ସାମାନ୍ୟ ବର୍ଷାରେ ରାସ୍ତାର ଅନେକ ସ୍ଥାନରେ ଫେବର ଉଠିଯାଇ ପାଣି ଜମି ରହୁଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଘସିପୁରା ମେଡିକାଲ ରୋଡ ଝାଡେଶ୍ୱର ମେଡିସିନ ଷ୍ଟୋର ନିକଟରେ ଫେଭର ବ୍ଲକ ଉଠିଯାଇଥିବାରୁ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଅନେକ ନୂତନ ରାସ୍ତାର ଆରମ୍ଭ ଓ ଶେଷଭାଗରେ ସମତୁଲ କରାଯାଉନଥିବାରୁ ସେହିସ୍ଥାନ ମାନଙ୍କରେ ହମ୍ପସ ଭଳି ଉଚ୍ଚତା ହେଉଥିବାରୁ ଯାତାୟତରେ ବିଶେଷ ଅସୁବିଧା ସୃଷ୍ଟି ହେଉଛି। ଏପରିକି ଯେଉଁଠି ରାସ୍ତା ଭାଙ୍ଗିରୁଜି ନଷ୍ଟ ହେଉଛି ସେନେଇ ଅଭିଯୋଗ କଲେ ମଧ୍ୟ ଏହାର ମରାମତି ହେଉନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ଆନନ୍ଦପୁର ପୌର କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।



# ବିଭିନ୍ନ ଅଞ୍ଚଳରେ ସାବିତ୍ରୀ ବ୍ରତ ପାଳିତ



ହାଟଡ଼ିହୀ,୬।୬(ସମିସ)

ସାବିତ୍ରୀ ବ୍ରତ ପ୍ରତ୍ୟେକ ଓଡ଼ିଆ ଘରର ସଧବା ନାରୀଙ୍କ ପାଇଁ ଏକ ଗୁରୁତ୍ୱ ଏବଂ ମହତ୍ୱପୂର୍ଣ୍ଣ ଓଷା ହୋଇଥାଏ। ସ୍ୱାମୀଙ୍କ ଦୀର୍ଘ ଆୟୁଷ କାମନା କରି ସଧବା ନାରୀମାନେ ସାବିତ୍ରୀ ଓଷା ପାଳନ କରିଥାନ୍ତି। ଆଜି ଏହା ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳିଛି। ଗାଁରେ ଗାଁରେ ସଧବା ନାରୀମାନେ ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଛନ୍ତି। ଭୋର ସମୟରୁ ଠାକୁରଙ୍କ ନିକଟରେ ପୂଜା କରିବା ପରେ ନୂଆ ଲୁଗା, ସିନ୍ଦୁର, ଶଙ୍ଖା ଆଦି ପିନ୍ଧିବା, ବ୍ରତ ବାନ୍ଧିବା ସହ ଉପବାସକରିବାର ବିଧି ରହିଛି। ବ୍ରତ ପାଳନ ନିମନ୍ତେ ସାବିତ୍ରୀ ଭାର ପିତ୍ରାଳୟରୁ ଆସିବାର ମଧ୍ୟ ପରମ୍ପରା ରହିଛି। ବ୍ରତଧାରୀ ଭଗବତୀ ମହାନ୍ତି ଏ ନେଇ କୁହନ୍ତି ସତୀ ସାବିତ୍ରୀଙ୍କ ନିଷ୍ଠା ଓ ପୁଣ୍ୟ ପାଇଁ ତାଙ୍କ ସ୍ୱାମୀ ସତ୍ୟବାନଙ୍କ ଜୀବନ ଉଦ୍ଧାର ହେଲା ପରି ମୁଁ ମଧ୍ୟ ମୋ ସ୍ୱାମୀଙ୍କ ଦୀର୍ଘ ଆୟୁଷ କାମନା କରି ଗତ ୨୩ବର୍ଷ ଧରି ଏହି ସାବିତ୍ରୀ ଓଷା ପାଳନ କରିଆସୁଛି। ସେହିପରି ଯଲିଉଡ୍ ଅଭିନେତ୍ରୀ ପୂଜା ସ୍ୱାଇଁ କୁହନ୍ତି ଗତ ୧୧ବର୍ଷ ଧରି ମୁଁ ମୋ ସ୍ୱାମୀ ମୃତ୍ୟୁଞ୍ଜୟ ସ୍ୱାଇଁଙ୍କ ଦୀର୍ଘ ଆୟୁଷ କାମନା କରି ସାବିତ୍ରୀ ଓଷା ପାଳନ କରିଆସୁଛି। ଯାତ୍ରା ପାଇଁ ସମ୍ପୂର୍ଣ୍ଣ ବାହାରେ ରହୁଥିଲେ ସୁଦ୍ଧା ଯଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ଓ ଉପବାସ କରି ବ୍ରତ ରଖେ। ପ୍ରଭୁ ମୋ ସ୍ୱାମୀଙ୍କୁ ସବୁବେଳେ ଘଣ୍ଟ ଘୋଡାଇ ରଖିଥାନ୍ତୁ ଏତିକି ମାଗୁଣି କରୁଛି।

**ସୋସୋ:** ହାଟଡ଼ିହି ବ୍ଲକର ବିଭିନ୍ନ ଠାକୁରାଣୀ ପୀଠ, ଶୈବ ପୀଠ ଓ ବିଭିନ୍ନ ଗ୍ରାମରେ ସାବିତ୍ରୀ ବ୍ରତ ପୂଜା ପାଳିତ ହୋଇଯାଇଛି। ବିଭିନ୍ନ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ସ୍ୱାମୀଙ୍କ ମଙ୍ଗଳ କାମନା କରି ଉପବାସ ରହି ବ୍ରତ ପାଳନ କରିଥାନ୍ତି। ପଢ଼ିଆରୀପଲ୍ଲୀ ଗ୍ରାମର ଗ୍ରାମଦେବତୀ ପୀଠ, ଲକ୍ଷ୍ମୀ ନରାୟଣ ମନ୍ଦିର, ଶନିଶ୍ଚର ମନ୍ଦିରରେ ଓଷା କରାଯାଇଥିଲା। ଏଥିରେ ଗୋଲାପ ରାଉତ, କେତକୀ ରାଉତ, ନିରୂପମା ରାଉତ, କଣ୍ଢେଇ ରାଉତ, ଅନି ରାଉତ ସମେତ ବହୁ ମହିଳା ଉପସ୍ଥିତ ରହି ବ୍ରତ ପାଳନ କରିଥିଲେ। ସେହିପରି ମରୈଗାଁରେ ଥିବା ସୁଆର କମ୍ପେଲକ୍ସ ମନ୍ଦିରରେ ଓଷା କରାଯାଇଥିଲା। ଏଥିରେ ଲିଲିମାରାଣୀ ସୁଆର, ଅନୁପମା ସୁଆର, ପ୍ରଭାତି ସୁଆର, ବିନୋଦିନି ସୁଆର ଆଦି ପ୍ରମୁଖ ମହିଳା ଉପସ୍ଥିତ ରହି ପୂଜାପାଠ ହୋଇଥିଲା। ଏହିପରି ବାଲିବରେଇ, ସୋସୋ, ହାଟଡିହି, ଓରାଳି, ଶାଳଣିଆଁ, ଶାସଙ୍ଗ, ବଞ୍ଜୋ ଆଦି ସ୍ଥାନରେ ସାବିତ୍ରୀ ବ୍ରତ ପାଳିତ ହୋଇଥିଲା।



### ବଟବୃକ୍ଷ ମୂଳ ସାବିତ୍ରୀ ବ୍ରତ ପାଳିଲେ ଶ୍ରଦ୍ଧାଳୁ

**ରାମଚନ୍ଦ୍ରପୁର:** ପବିତ୍ର ସାବିତ୍ରୀ ବ୍ରତ ପାଇଁ ଗାଁଠୁ ସହର ସବୁଠି ଉତ୍ସବର ମାହୋଲ। ଘସିପୁରା ବ୍ଲକର ବିଭିନ୍ନ ଦେବାଦେବୀ ପୀଠ ସମେତ ବିଭିନ୍ନ ଗ୍ରାମର ବଟ ବୃକ୍ଷ ମୂଳରେ ସାବିତ୍ରୀ ବ୍ରତ ପାଳିତ ହୋଇଥିବା ଦେଖିବାକୁ ମିଳିଛି ।କାହିଁ କେଉଁ କାଳରୁ ଘଷିପୁରା ବ୍ଲକ ଅନ୍ତର୍ଗତ କଇଁସିଆରୀ ଜଗନ୍ନାଥ ମଠ ପରିସରରେ ଥିବା ପୁରାତନ ବଟବୃକ୍ଷ ମୂଳରେ ଗ୍ରାମର ଶ୍ରଦ୍ଧାଳୁ ବ୍ରତଧାରୀ ମହିଳା ମାନେ ସାବିତ୍ରୀ ଓଷା ପାଳନ କରି ଆସୁଛନ୍ତି ।ସେହିପରୀ ଅଳତିର ହରଚଣ୍ଡୀ ମନ୍ଦିର ଏବଂ ଚନ୍ଦ୍ରଶେଖର ମନ୍ଦିରରେ ପ୍ରାତଃରୁ ବିବାହିତା ମହିଳାମାନେ ସ୍ନାନ ଦି କର୍ମସାରିବା ପରେ ନୂଆ ବସ୍ତ୍ର ପରିଧାନ କରି ଉପବାସ ବ୍ରତ କରି ବିଭିନ୍ନ କିସମର ଫଳ ପୁଷ୍ପ ସହ ଶଙ୍ଖା, ସିନ୍ଦୁର ନୂଆ ଶାଢି ଧରି ପବିତ୍ର ବଟବୃକ୍ଷ ମୂଳରେ ଏକତ୍ରୀତ ହୋଇଥିଲେ। ଆଚାର୍ଯ୍ୟ ଜୟନ୍ତ ପାଣିଗ୍ରାହୀ, ନିରଞ୍ଜନ ପାଣିଗ୍ରାହୀ ବୈଦିକ ରୀତି ଅନୁଯାୟୀ ପୂଜାକାର୍ଯ୍ୟ ସମ୍ପାଦନ କରିବା ସହ ସାବିତ୍ରୀ ବ୍ରତ ଉପାଖ୍ୟାନ ଆବୃତ୍ତି କରିଥିଲେ। ଉପସ୍ଥିତ ବ୍ରତଧାରୀ ମହିଳା ମାନେ ଆଜିର ଦିନରେ ସେମାନଙ୍କ ସ୍ୱାମୀଙ୍କର ନିରୋଗ ତଥା ଦୀର୍ଘଜୀବନ କାମନା କରି ସାବିତ୍ରୀ ବ୍ରତ ପାଳନ କରିଥିଲେ। ସଧବା ନାରୀମାନେ ସାବିତ୍ରୀ ବ୍ରତ ଧାରଣ କରି ପ୍ରଭୁଙ୍କ ନିକଟରେ ନିଜ ସ୍ୱାମୀଙ୍କର ନିରୋଗ ତଥା ଦୀର୍ଘ ଜୀବନ କାମନା କରିଥିଲେ।

